ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.206 Bhubaneswar Sunday September 24 2023 | ୨୬ତମ ବର୍ଷ ସଂଖ୍ୟା-୨୦୬ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## କାହା ଆଡକୁ ଢଳିବେ ମହିଳା ଭୋଟର: ଓଡିଶାର ୫୦ହଜାର ଗାଁରେ ସଭା-ସଂକୀର୍ତ୍ତନ କରି ସଚେତନତା ବାର୍ତ୍ତା ଦେବ ବିଜେପି



ଭୁବନେଶ୍ୱର,୨୩।୯(ପି.ଏନ): ସଂସଦରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହେବାପରେ ଏହାର ଶ୍ରେୟ ନେବାକୁ ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି । ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ୧୯୯୪ ମସିହାରେ ସର୍ବପ୍ରଥମେ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା ବୋଲି କହି ବିଜେପି ଆଜି ବିଜେଡିର ଏଭଳି ଶ୍ରେୟ ନେବାର ଦାବିକୁ ଖାରଜ କରିଛି । ଆଉ ରାଜ୍ୟର ୫୦ହଜାର ଗାଁରେ ସାଧାରଣ ସଭା ଓ ସଂକୀର୍ତ୍ତନ ଦଳମାନଙ୍କ ସହାୟତାରେ ଘରେଘରେ ମହିଳାଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାକୁ ନରେନ୍ଦ୍ର ମୋଦି ସରକାର ନେଇଥିବା ଐତିହାସିକ ପଦକ୍ଷେପ ସମ୍ପର୍କରେ ସଚେତନ କରାଇବାକୁ ନିଷ୍ପତ୍ତି ନେଇଛି ।ଆଜି ଭୁବନେଶ୍ୱରରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ରାଜ୍ୟସଭା ଓ ଲୋକସଭାରେ ଐତିହାସିକ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ତଥା 'ନାରୀ ଶକ୍ତି ବନ୍ଦନ ବିଲ୍ ?' ସର୍ବସମ୍ମତିରେ ଗୃହୀତ ହୋଇଛି । ଓଡ଼ିଶାର ୫୦ ହଜାର ଗାଁରେ ମଧ୍ୟ ସାଧାରଣ ସଭା କରି ମୋଦିଜୀଙ୍କର ଏହି ଐତିହାସିକ ବାର୍ତ୍ତା ସହ ଅନ୍ୟାନ୍ୟ ଲୋକାଭିମୁଖୀ ଯୋଜନାର ବାର୍ତ୍ତାକୁ ପହଁଚ଼ାଇବାକୁ ଦଳ ପକ୍ଷରୁ ପଦକ୍ଷେପ ନିଆଯିବ । ବିଜେପି ହେଉଛି ଭାରତର ପ୍ରଥମ ରାଜନୈତିକ ଦଳ ଯିଏ ୧୯୯୪ ମସିହାରେ ଗୁଜୁରାଟର ଭଡ ?ଦରାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସଂସଦ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସପକ୍ଷରେ ଏକ ଆନୁଷ୍ଠାନିକ ସଂକଳ୍ପ ଗୃହୀତ କରିଥିଲା ଏବଂ ଏଥିପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ଦାବି କରିଥିଲା । ବିଜେପି ସରକାର ଆସିବା ପୂର୍ବରୁ ୧୯୯୬ ମସିହାରେ ଏଚ୍.ଡି. ଦେବଗୌଡା ସରକାର ସମୟରେ ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ୮୧ତମ ସମ୍ବିଧାନ ସଂଶୋଧନ ବିଲ୍ ଅଣାଯାଇଥିଲା । ଏହାକୁ ଗୃହରେ ବିଜେପି ସମର୍ଥନ ଦେଇଥିବାବେଳେ ଅନ୍ୟ ଦଳଙ୍କ ଅସହଯୋଗରୁ ଏହି ବିଲ୍ ଗୃହୀତ ହୋଇପାରିନଥିଲା । ଏହା ପରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ୧୯୯୮ ଓ ୧୯୯୯ରେ ଦୁଇ ଥର କ୍ରମାଗତ ୮୪ତମ ଓ ୮୫ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଥିଲେ । କିନ୍ତୁ ସମର୍ଥନ ନମିଳିବାରୁ ତାହା ଗୃହୀତ ହୋଇପାରିନଥିଲା । ୟୁପିଏ ଶାସନବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ସରକାର ଏହି ବିଲ୍ ଗୃହରେ ଅଣାଯାଇଥିବା ସତ୍ତ୍ୱେ ମଧ୍ୟ ଆନ୍ତରିକ ଇଚ୍ଛାଶକ୍ତି ନଥିବା କାରଣରୁ ଲୋକସଭାରେ ପାରିତ ହୋଇପାରିନଥିଲା । ମୋଦି ସରକାର ଏବେ ମହିଳା ସଂରକ୍ଷଣ ବିଲ୍ ଆଣିବା ପରେ ପୂର୍ବରୁ ଯେଉଁମାନେ ମହିଳା ସଂରକ୍ଷଣ ବିଲକୁ ପ୍ରତିବାଦ କରି ବିରୋଧ କରୁଥିଲେ ସେମାନେ ଆଉ ବିରୋଧ ପାଇଁ ସାହାସ କରିପାରିଲେ ନାହିଁ ।

## ବିଜେଡ଼ିରୁ ବହିଷ୍କୃତ ହେଲେ ଦୁଇଜଣ ନେତା: ସୁପ୍ରିମୋଙ୍କ ବଡ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୨୩।୯(ପି.ଏନ): ଆସନ୍ତା ୨୦୨୪ରେ ରାଜ୍ୟରେ ବିଧାନସଭା ନିର୍ବାଚ଼ନ ଅନୁଷ୍ଠିତ ହେବ । ସେଥିପାଇଁ ପ୍ରତ୍ୟେକ ରାଜନୈତିକ ଦଳମାନେ ନିଜ ନିଜର ସଂଗଠନକୁ ସଜାଡିବା ସହିତ ନୂଆ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି । ନିକଟରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଅନେକ ନୂଆ ନେତାଙ୍କୁ ପଞ୍ଚାୟତଠାରୁ ଆରମ୍ଭ କରି ରାଜ୍ୟ ସ୍ତରରେ ନିଯୁକ୍ତି ଦେଇଥିଲେ ।ତେବେ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ବିଜେଡି ତା'ର ରଣନୀତି ଚୂଡାନ୍ତ କରିଛି । ଏନେଇ ଦଳର ନୂଆ କାର୍ଯ୍ୟାଳୟ 'ଶଙ୍ଖ ଭବନ'ଠାରେ ସମସ୍ତ କର୍ମୀମାନେ ଏକତ୍ରିତ ହୋଇ ନିଷ୍ପତ୍ତି ନେଇଥିଲେ । ତେବେ ନିକଟରେ ଦଳବିରୋଧୀ କାରଣରୁ ବିଜେଡି ସୁପ୍ରିମୋ ଅନେକ ନେତାଙ୍କୁ ଦଳରୁ ବହିଷ୍କୃତ କରିଥିଲେ । ଏହା ମଧ୍ୟରେ ପୁଣି ଦୁଇ ଜଣ ନେତାଙ୍କୁ ଦଳରୁ ବିଦା କରାଯାଇଛି ।ସୂଚ଼ନା ମୁତାବକ, ଦଳ ବିରୋଧୀ କାର୍ଯ୍ୟ ପାଇଁ ମୟୁରଭଞ୍ଜ ଜିଲ୍ଲା ବିଜେଡିର ଦୁଇଜଣ ନେତାଙ୍କୁ ଦଳରୁ ବହିଷ୍କୃତ କରାଯାଇଛି । ଦୁଇ ନେତା ହେଉଛନ୍ତି ରାଇରଙ୍ଗପୁର ନିର୍ବାଚ଼ନ ମଣ୍ଡଳୀର ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ସଦସ୍ୟ ଜଲେନ ନାଏକ ଓ ତିରିଙ୍ଗ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ । ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଏହି ନିଷ୍ପତ୍ତି ନିଆଯାଇଛି । ଏନେଇ ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ସୂଚ଼ନା ଦେଇଛନ୍ତି ।

## ବିଜେଡି ଛାଡି ବିଜେପିରେ ଯୋଗ ଦେଲେ ତିରିଙ୍ଗ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ

ଭୁବନେଶ୍ୱର, ୨୩।୯(ପି.ଏନ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଙ୍ଗ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଜଣେ ଯୁବ ନେତା ତଥା ସୁସଂଗଠକ ଭାବେ ପରିଚିତ ଶ୍ରୀ ସାମାଡଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ଶ୍ରୀମତୀ ପୂର୍ଣ୍ଣିମା ବରଡା, ପାଣ୍ଡୁପଲ୍ଲୀ ଗ୍ରାମପଂଚାୟତର ସରପଂଚ ସୁନ୍ଦର ମୋହନ ବାସ୍କେ, ତିରିଙ୍ଗ ଗ୍ରାମ ପଂଚାୟତ ସମିତି ସଭ୍ୟା ଅଞ୍ଜନା ବେହେରା, ବିଜେଡି ନେତା ସମୀର ମାରାଣ୍ଡି, ସୁନ୍ଦର ମୋହନ ଟୁଡୁ, ଧନାଇ ମାରାଣ୍ଡି, ରବିନ୍ଦ୍ର ବିରୁଳି, ମୋଚିରାମ ମାରାଣ୍ଡି, ନୀତିମା ସାମାଡ ପ୍ରମୁଖ ବହୁ ନେତା ନିଜ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ଯଦୁନାଥ ସୋରେନ, ପରେଶ ମାରାଣ୍ଡି, ଭଦ ସୋରେନ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ଜେଏମ୍ଏମ୍ ଦଳ ଛାଡି ବିଜେପିରେ ଯୋଗଦାନ କରିଛନ୍ତି । ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ ।ରାଜ୍ୟରେ ଗଣତନ୍ତ୍ର ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଭୁଷୁଡି ପଡିଛି । ନିର୍ବାଚିତ ଜନପ୍ରତିନିଧିମାନଙ୍କ କ୍ଷମତାକୁ ସଂକୁଚିତ କରାଯାଉଛି । ଅନ୍ୟ ପଟେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର ଗତ ୯ ବର୍ଷର ଶାସନ କାଳରେ ବହୁ ଗରୀବକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ହୋଇଛି । ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ମୋଦିଜୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ସହିତ ରାଜ୍ୟରେ ମଧ୍ୟ ବିଜେପିର ଡବଲ୍ ଇଞ୍ଜିନ ସରକାର ହେବ ବୋଲି ଶ୍ରୀ ସାମାଡ କହିଛନ୍ତି ।ଏହି ମିଶ୍ରଣ ପର୍ବ ଅବସରରେ ମୟୁରଭଞ୍ଜ ରାଇରଙ୍ଗପୁର ସାଂଗଠନିକ ଜିଲ୍ଲା ସଭାପତି ତଥା ବିଧାୟକ ନବଚରଣ ମାଝୀ, ଯଶୀପୁର ବିଧାୟକ ଇଂ.ଗଣେଷରାମ ଖୁଂଟିଆ, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ରାଜ୍ୟ ସଂପାଦକ ନବୀନ ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

### ୨୯ରେ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୩।୯(ପି.ଏନ): ଆସନ୍ତା ୨୯ ତାରିଖ ବେଳକୁ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ।

### ହୀରାକୁଦ ଜଳଭଣ୍ଡାରରୁ ୨୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୨୩।୯(ପି.ଏନ): ଆଜି ଅପରାହ୍ନରେ ହୀରାକୁଦ ଜଳଭଣ୍ଡାରର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଫଳରେ ଏବେ ମୋଟ୍ ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ବନ୍ଧର ବାମ ପାର୍ଶ୍ୱ ଡାଇକ୍ ର ୧୬ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ୮ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୯୪ ହଜାର ୪୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୨୪ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୪ ଲକ୍ଷ ୩୨ ହଜାର ୧୬୦ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ସଂନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୮୭ ଫୁଟ୍ ରହିଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

## ସିସୋର ଚ଼ିଟ୍‌ଫଣ୍ଡ: ବିଜେଡି ନେତା ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀଙ୍କ ନାଁରେ ଚ଼ାର୍ଜଫଂରେମ୍



ଭୁବନେଶ୍ୱର,୨୩।୯(ପି.ଏନ): ବହୁଚ଼ର୍ଚ୍ଚିତ ସିସୋର ଚ଼ିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ପତ୍ନୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳଙ୍କ ବିରୁଦ୍ଧରେ ଭୁବନେଶ୍ୱରର ସିବିଆଇ କୋର୍ଟ-୧ ବିଭିନ୍ନ ଦଫାରେ ଚ଼ାର୍ଜଫ୍‌ରେମ୍ କରିଛନ୍ତି । ଓଡିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ୨ମାସ ମଧ୍ୟରେ ଚ଼ାର୍ଜଫଂରେମ୍ କରିବା ସହ ମାମଲାର ଶୁଣାଣି ବର୍ଷକ ମଧ୍ୟରେ ଶେଷ କରିବାକୁ ସିବିଆଇ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମିଳିଥିବା ସୂଚ଼ନା ଅନୁସାରେ, ସିବିଆଇ କୋର୍ଟ-୧ ସିସୋର ଚ଼ିଟ୍‌ଫଣ୍ଡ ମାମଲାରେ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀଙ୍କ ନାଁରେ ଆଇପିସିର ଧାରା -୪୨୦,୪୦୯, ୪୬୭,୪୬୮,୪୭୧ ଓ ୧୨୦-ଖରେ ଚ଼ାର୍ଜ ଫ୍‌ରେମ୍ କରିଥିବା ଜଣାପଡିଛି । ସିସୋର ଚ଼ିଟଫଣ୍ଡ ଗ୍ରୁପ ସହ ଏକ ଜମି କିଣାବିକାକୁ ନେଇ ଶ୍ରୀ ବିଶ୍ୱାଳ ଓ ତାଙ୍କ ପତ୍ନୀ ୨୫ଲକ୍ଷ ଟଙ୍କା କାରବାର କରିଥିବାର ଅଭିଯୋଗ ହୋଇଥିଲା । ଚ଼ିଟଫଣ୍ଡ ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ତାଙ୍କ ନାଁ ଚ଼ାର୍ଜସିଟରୁ ବାଦ୍ ଦେବା ଓ ଏଫଆଇଆର ଖାରଜ କରିବା ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଗତ ଏପ୍ରିଲ ମାସରେ ସିବିଆଇ କୋର୍ଟକୁ ୨ମାସ ମଧ୍ୟରେ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ଚ଼ାର୍ଜ ଫ୍‌ରେମ୍ କରିବା ସହ ବର୍ଷକ ମଧ୍ୟରେ ମାମଲାର ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଗୋଟିଏ ଦେଶ, ଗୋଟିଏ ନିର୍ବାଚ଼ନ: ପ୍ରଥମ ବୈଠକ ପରେ କମିଟି ରଖିଲା ଏମିତି ମତ



ଭୁବନେଶ୍ୱର,୨୩।୯(ପି.ଏନ): ପ୍ରସ୍ତାବିତ ଗୋଟିଏ ଦେଶ, ଗୋଟିଏ ନିର୍ବାଚ଼ନ ପାଇଁ ଗଠିତ କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଆଜି କମିଟିର ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚ଼ନା କରିଛନ୍ତି । ଏହାପରେ ୮ ଜଣିଆ କମିଟି ସର୍ବସମ୍ମତିକ୍ରମେ ବିଭିନ୍ନ ରାଜନୀତିକ ଦଳର ସଦସ୍ୟ ଓ ଆଇନ କମିଶନଙ୍କୁ ଏକକ ନିର୍ବାଚ଼ନ ଉପରେ ମତାମତ ରଖିବାକୁ ନିମନ୍ତ୍ରଣ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।ଆଜିର ବୈଠକରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ରାଜ୍ୟସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, ଅର୍ଥ କମିଶନରର ପୂର୍ବତନ ଅଧ୍ୟକ୍ଷ ଏନକେ ସିଂହ, ଲୋକସଭାର ପୂର୍ବତନ ମହାସଚ଼ିବ ସୁଭାଷ ସି କଶ୍ୟପ ଓ ପୂର୍ବତନ ମୁଖ୍ୟ ଭିଜିଲାନ୍ସ କମିଶନରର ସଞ୍ଜୟ କୋଠାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୩।୯(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖିଛି ପ୍ରାଥମିକ ଶିକ୍ଷକ ସଂଘ । ପ୍ରାଥମିକ ଶିକ୍ଷକ ସଂଘର ମହାସଚିବଙ୍କ ସୂଚନା ମୁତାବକ ଭିଡିଓ କଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସହ ଆଲୋଚନା ହୋଇଛି । ଠିକା ନିଯୁକ୍ତିକୁ ନିୟମିତ , ଗ୍ରେଡ ପେ ବୃଦ୍ଧି ଓ ପୁରାତନ ପେନସନ ଯୋଜନା ଲାଗୁ ଭଳି ମୁଖ୍ୟ ଦାବି ନେଇ ଆଲୋଚନା ହୋଇଥିଲା । ଡିସେମ୍ବର ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଶିକ୍ଷକଙ୍କୁ ବୈଠକରେ ୫-ଟି ସଚିବ କହିଛନ୍ତି । ନୂଆବର୍ଷରେ ନୂଆ ଭେଟି ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ମିଳିପାରେ ବୋଲି ଆଶ୍ୱାସନା ମିଳିଛି । ଦାବିକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରହଣ କରିଥିବାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି ।ଏହି ଆଲୋଚନାରେ ଓପିଟିଏ, ଏଓପିଟିଏଫ୍, ଓଜେଟିଏ, ଏକ୍ସ-କ୍ୟାଡ଼ର, ଲେଫ୍ଟଆଉଟ ଏକ୍ସ-କ୍ୟାଡ଼ର, କଳା ଓ କ୍ରୀଡ଼ା, ଏମ୍.ଏଲ.ଇ, ପଶ୍ଚିମ ଓଡ଼ିଶା ଫୋରମ, ମିଳିତ ମଂଚ ଏହିପରି ମୋଟ ୯ଟି ସଂଗଠନର ୮୦ଜଣ ଶିକ୍ଷକ ଭାଗ ନେଇଥିଲେ । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ରାଜ୍ୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଗତ ୮ ତାରିଖ ଠାରୁ ରାଜ୍ୟର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଗତ ୧୮ ତାରିଖରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସହ ସଂଗଠନର ଆଲୋଚନା ପରେ ସରକାରଙ୍କ ଉପରେ ଆସ୍ଥା ରଖି ଆନ୍ଦୋଳନକୁ ସ୍ଥଗିତ ରଖିଥିଲା ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ

## ଆଉ ଠକି ପାରିବେନି ମେଡିକାଲ କର୍ମୀ !




ଭୁବନେଶ୍ୱର,୨୩।୯(ପି.ଏନ): ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ ଏବଂ ରାଉରକେଲା ଆଇ.ଜି.ଏଚ୍. ସମେତ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟଗୁଡିକରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା ଚ଼ଳିତମାସ ଶେଷ ସୁଦ୍ଧା ଲାଗୁ କରାଯିବ । ଡାକ୍ତର, କର୍ମଚ଼ାରୀ ଏବଂ ଠିକା କର୍ମଚ଼ାରୀଙ୍କୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯିବ । ପରବର୍ତ୍ତୀ ସମୟରେ ସବୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚ଼ନାରୁ ଜଣାପଡିଛି । ପର୍ଯ୍ୟାୟକ୍ରମେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା ପଞ୍ଚାୟତସ୍ତରୀୟ ଡାକ୍ତରଖାନାରେ ଲାଗୁ କରାଯିବ । ଏହି ବ୍ୟବସ୍ଥା ଲାଗୁ କରାଗଲେ ଡାକ୍ତରଖାନାରେ ରୋଗୀସେବା ତ୍ୱରାନ୍ୱିତ ହୋଇପାରିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି ।ତେବେ ଡାକ୍ତରଖାନା ହେଉ କି ମେଡିକାଲ କଲେଜ, ସମୟାନୁବର୍ତ୍ତିତାକୁ ଗୁରୁତ୍ୱ । ସବୁଠି ବାୟୋମେଟ୍ରିକ ଓ ସିସିଟିଭି ଲଗାଇବା ବାଧ୍ୟତାମୂଳକ । କର୍ତ୍ତବ୍ୟରେ ଅବହେଳାକୁ ଆଉ କରାଯିବନି ବରଦାସ୍ତ । ଅଭ୍ୟାସଗତ ଖିଲାପିଙ୍କ ବିରୋଧରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ସମସ୍ତଙ୍କ ପାଇଁ ଗୁଣାତ୍ମକ ଚ଼ିକିତ୍ସା ଯୋଗାଇଦେବାକୁ ରାଜ୍ୟ ସରକାର ନେଉଛନ୍ତି ଅନେକ ପଦକ୍ଷେପ । ଡାକ୍ତରଖାନାରେ ଭିତ୍ତିଭୂମି ନିର୍ମାଣ ସହିତ ଡାକ୍ତର ଓ କର୍ମଚ଼ାରୀଙ୍କ ଖାଲି ପଦବୀ ପୂରଣ କରୁଛନ୍ତି । ତେବେ କିଛି ଡାକ୍ତର ଓ କର୍ମଚ଼ାରୀଙ୍କ ମନମାନି ପାଇଁ ସରକାରଙ୍କ ଆଭିମୁଖ୍ୟ ପୂରଣରେ ବାଧା ଉପୁଜୁଛି । କର୍ମଚ଼ାରୀଙ୍କ ଅନୁପସ୍ଥିତି ଯୋଗୁଁ ଡାରକ୍ତଖାନାରେ ସୃଷ୍ଟି ହେଉଛି କୃତ୍ରିମ ଅଚ଼ଳାବସ୍ଥା । ଏହାକୁ ଦୃଷ୍ଟିରେ ରଖି ମେଡିକାଲ କଲେଜ ଓ ହସ୍ପିଟାଲଠାରୁ ଆରମ୍ଭ କରି ସିଏଚ଼ସି, ପିଏଚ଼ସି ପର୍ଯ୍ୟନ୍ତ ସବୁ ଡାକ୍ତରଖାନାରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେଉଛି ସ୍ୱାସ୍ଥ୍ୟ ବିଭାଗ ।

## କାନାଡାରେ କାହିଁକି ଶିଖମାନେ ଏତେ ଶକ୍ତିଶାଳୀ ?



ନୂଆଦିଲ୍ଲୀ,୨୩।୯(ପି.ଏନ): ଭାରତ ଓ କାନାଡା ମଧ୍ୟରେ ତିକ୍ତତା ଥମିବାର ନା ଧରୁନି । ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜାରର ହତ୍ୟାକାଣ୍ଡକୁ ନେଇ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଭାରତ ବିରୋଧରେ ଅଭିଯୋଗ ଆଣିବା ପରେ ଦୁଇ ଦେଶ ମଧ୍ୟରେ କୂଟନୀତିକ ଯୁଦ୍ଧ ଚ଼ରମସୀମାରେ ପହଞ୍ଚିଛି । ନିଜାରର ହତ୍ୟା ପଛରେ ଭାରତୀୟ ଏଜେଣ୍ଟଙ୍କ ସମ୍ଭାବ୍ୟ ହାତ ଥିବା ଟ୍ରୁଡୋ ସରକାର କରିଥିବା ଦାବିକୁ ଭାରତ ସରକାର ଖଣ୍ଡନ କରିଛନ୍ତି । ହେଲେ କାନାଡା ସରକାର ଏହାକୁ ମାନିବାକୁ ନାରାଜ । ଦୁଇ ଦେଶ ମଧ୍ୟରେ ବିବାଦ ଘନେଇବା ପରେ ଭାରତ ଓ କାନାଡା ପରସ୍ପର କୂଟନୀତିକ ଅଧିକାରୀଙ୍କୁ ବହିଷ୍କାର କରିଛନ୍ତି । ଭାରତ ସରକାର କାନାଡାବାସୀଙ୍କ ପାଇଁ ଭିସା ମଧ୍ୟ ବନ୍ଦ କରି ଦେଇଛନ୍ତି । ଏସବୁ ସତ୍ତ୍ୱେ କାନାଡା ସରକାର କାହିଁକି ସେଠାକାର ଶିଖମାନଙ୍କୁ ଖୋଲା ସମର୍ଥନ କରୁଛନ୍ତି ? ଭାରତର ମୋଷ୍ଟୱାଣ୍ଟେଡ ଆତଙ୍କବାଦୀ ନିଜାର ପାଇଁ କାନାଡା ସରକାରଙ୍କ ଏତେ ଦରଦ କାହିଁକି ? ଏହା ପଛରେ ଅଛି ରାଜନୀତିକ ଅଭିସନ୍ଧି । କାନାଡାରେ ଶିଖମାନଙ୍କ ଦବଦବା ବେଶ ଅଧିକ । ସେମାନେ ଯେକୌଣସି ସରକାରଙ୍କ ଚେକ ଦେବାକୁ ମଧ୍ୟ ସକ୍ଷମ । ଖାସ ଏହି କାରଣ ପାଇଁ ସମ୍ଭବତଃ ଟ୍ରୁଡୋ ସରକାର ନିଜାରକୁ ସମର୍ଥନ କରୁଛନ୍ତି ।






# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖଷ୍ଟ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତୁଷ୍ଟ୍ୟପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯଷ୍ଟ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯଷ୍ଟ୍ୟନ୍ତ ବାକି ଅନଷ୍ଟ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଳି ଭାବେ ତାଙ୍କର ଶେଷ କୃତଷ୍ଟ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଷ୍ଟ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଷ୍ଟ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିସ୍ପି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଛନ୍ତି ହ୍ରିତିକ।

# ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷ୍ୟୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨୪

# କ୍ରୋଧ ଓ ପରିଣାମ



ଅଲେଖ ଚନ୍ଦ୍ର ସାମଲ

କ୍ରୋଧକୁ ନେଇ ଅନେକଙ୍କ ଜୀବନ ବିଷମ ପରିସ୍ଥିତିରେ ପହଞ୍ଚି ଯାଇଛି । ବ୍ୟକ୍ତିଗତ ଜୀବନ ଠାରୁ କର୍ମକ୍ଷେତ୍ର । ଅନେକ ସମୟରେ କ୍ରୋଧ ଯେଉଁ ପରବର୍ତ୍ତୀ ମୁହୂର୍ତ୍ତର ପ୍ରତିଫଳନ ଦେଖାଇଥାଏ ତାହା କେତେ ଭୟାନକ ହୋଇପାରେ ତାହା ସମସ୍ତେ ପ୍ରାୟ ଅଙ୍ଗେନିଭା ଅନୁଭୂତିରୁ ବା ଜୀବନରୁ ଜାଣିପାରିଥିବେ । କ୍ରୋଧ ମଣିଷର ସବୁଠାରୁ ଭୟଙ୍କର ଶତ୍ରୁ ଭାବେ ଆମେ ସମସ୍ତେ ଜାଣିଛେ । ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ଲେଖନୀରେ ଅନେକ ସମୟରେ ଏହି କ୍ରୋଧକୁ ନେଇ ତାଙ୍କର ମାର୍ଗଦର୍ଶନ କରିଛନ୍ତି । କ୍ରୋଧକୁ ତୁରନ୍ତ ପରିତ୍ୟାଗ କରି ଏକ ନିର୍ମଳ ଓ ଆଧ୍ୟାତ୍ମିକପୂର୍ଣ୍ଣ ଜୀବନ ବିତାଇବା ପାଇଁ ସେ ତାଙ୍କ ଆଶ୍ରିତ ମାନଙ୍କୁ ଦିବ୍ୟ ସମ୍ଭାଷଣରେ କହିଛନ୍ତି । କ୍ରୋଧକୁ ଜଣେ ନିୟନ୍ତ୍ରଣ କରିପାରିଲେ ତାହା ଜୀବନର ପ୍ରଗତି ସୁନିଶ୍ଚିତ ଏବଂ ଜଣେ ଉଚିତ ଓ ସତ୍ ବ୍ୟକ୍ତିତ୍ୱର ପ୍ରତିଭାବାନ ଆଦର୍ଶଣୀୟ ବ୍ୟକ୍ତିତ୍ୱ ଭାବେ ସମାଜରେ ମଧ୍ୟ ପ୍ରତିଷ୍ଠିତ ହୋଇପାରିବେ । ଏହି କ୍ରୋଧ ଓ ଏହାର ପରିଣାମକୁ ନେଇ ଏକ ଛୋଟିଆ ଚେତନାଦାୟୀ କାହାଣୀକୁ ଉପସ୍ଥାପନ କରୁଛୁ । ଜଣେ ଛୋଟ ପିଲାକୁ ଅଧିକାଂଶ ସମୟ କ୍ରୋଧ ଆସୁଥିଲା । ତା'ର ବାପା ତାକୁ ଏକ କଣ୍ଟାଭର୍ତ୍ତି ବ୍ୟାଗ ଦେଲେ ଓ କହିଲେ 'ଯେତେବେଳେ ତୋର କ୍ରୋଧ ଜାତ ହେବ, ହାତୁଡିରେ ଗୋଟିଏ କଣ୍ଟାକୁ କାନ୍ଥରେ ପିଟିଦେଇ ଆସିବୁ । ପ୍ରଥମ ଦିନ ପିଲାଟି ୩୬ଟି କଣ୍ଟା ପିଟିଲା । ସବୁଦିନ କାନ୍ଥରେ କଣ୍ଟା ପିଟିବାରୁ ଦିନକୁ ଦିନ କଣ୍ଟା ସଂଖ୍ୟା କମୁଥିଲା । ସେ ବୁଝିଗଲା ଯେ ଯେତେବେଳେ ତାର କ୍ରୋଧ ଜାତ ହେବ, କାନ୍ଥରେ କଣ୍ଟା ପିଟିବ । ଏହା ଦ୍ୱାରା ସେ କ୍ରୋଧ ନିୟନ୍ତ୍ରଣ କରିପାରିବ । କିଛି ସପ୍ତାହ ପରେ ସେ ନିଜ କ୍ରୋଧ ଉପରେ ନିୟନ୍ତ୍ରଣ କରିବା ଶିଖିଗଲା । ଶେଷରେ ସେ ଦିନ ଆସିଲା । ପିଲାଟିର ଆଦୌ କ୍ରୋଧ ଜାତ ହେଲାନାହିଁ । ଏକଥା ସେ ବାପାଙ୍କୁ ଜଣାଇଲା । ବାପା କହିଲେ କ୍ରୋଧରେ ତୁ ଯେଉଁ କଣ୍ଟା କାନ୍ଥରେ ପିଟିଥିଲୁ, ଏଣିକି ସବୁଦିନ ସେଥିରୁ ଗୋଟିଏ ଲେଖାଏଁ ବାହାର କର । ଫଳରେ କ୍ରୋଧ ଉପରେ ତୁ ପ୍ରତିଦିନ କାବୁ ପାଇପାରିବୁ । ପିଲାଟି କାନ୍ଥରୁ କଣ୍ଟା ବାହାର କରିଚାଲିଲା । ଶେଷରେ ଗୋଟିଏ ବି କଣ୍ଟା ରହିଲାନାହିଁ । ବାପା ପିଲାକୁ କାନ୍ଥ ନିକଟକୁ ନେଇ କହିଲେ ଏବେ ଏହି ଗାତଗୁଡ଼ିକୁ ଦେଖ, ଯାହା କଣ୍ଟା ପିଟିବା ଦ୍ୱାରା ସୃଷ୍ଟି ହୋଇଛି । ଏ କାନ୍ଥ କେବେ ବି ପୂର୍ବ ଭଳି ହୋଇପାରିବ ନାହିଁ । ଠିକ୍ ସେହିଭଳି କ୍ରୋଧରେ ପାଟିରୁ ବାହାରିଥିବା କଟୁ ଶବ୍ଦ ମଧ୍ୟ ଫେରିପାରେ ନାହିଁ । କ୍ରୋଧରେ କଟୁ ଶବ୍ଦ କହିବା ପରେ ଆମେ ଯେତେ ଭୁଲ ମାଗିଲେ ବା ଅନୁତାପ କଲେ ବି ତା'ର କୌଣସି ଅର୍ଥ ନଥାଏ । ପୁଣି ଥରେ ନିଜର ସମ୍ମାନ ଆମେ ଫେରିପାଇବା ନାହିଁ ।

*ପୂର୍ବତନ ଡିଏଫ୍‌ଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ଥାଇରଏଡ୍ ରୋଗ



ଡାକ୍ତର ରିତାଞ୍ଜଳୀ ପ୍ରଧାନ

ଥାଇରକ୍ସିନ ହରମୋନର ଅଭାବ ହେଲେ ଥାଇରଏଡ ହୋଇଥାଏ । ଥାଇରକ୍ସିନ ହରମୋନ ଯଦି ଶରୀରରେ ଅତ୍ୟଧିକ କ୍ଷରଣ ହୁଏ ଏହାକୁ ହାଇପର ଥାଇରଏଡ କୁହାଯାଏ । ପ୍ରତ୍ୟେକ ଦିନ ଆମ ଶରୀରର ଥାଇରଏଡ଼ ଗ୍ରନ୍ଥିରୁ ୧୫୦ ମାଇକ୍ରୋଗ୍ରାମ ଥାଇରକ୍ସିନ ଝରିଥାଏ । ଯଦି ଆମ ଶରୀରରେ ଏହାଠାରୁ କମ ଥାଇରକ୍ସିନ ଝରେ ତାକୁ ହାଇପୋଥାଇରଏଡ଼ କୁହାଯାଏ । ଏହାର ମୁଖ୍ୟ କାରଣ ଜୀବନ ଶୈଳୀ ଓ ଖାଦ୍ୟପେୟର ଅନିୟମିତତା କିଛି ଖାଦ୍ୟ ପଦାର୍ଥ ଥାଇରଏଡ଼କୁ ବୃଦ୍ଧି କରିଥାଏ । ତେଣୁ ଗଳଗଣ୍ଡ ରୋଗରୁ ରକ୍ଷା ପାଇବା ପାଇଁ ନିଜ ଖାଦ୍ୟପେୟକୁ ସନ୍ତୁଳିତ ରଖିବା ନିହାତି ଆବଶ୍ୟକ ।

ହାଇପୋଥାଇରଏଡ (ଗଳଗଣ୍ଡ)

କେଉଁ ଖାଦ୍ୟ ଖାଇବେ ? : ଆୟୋଡ଼ିନଯୁକ୍ତ ଲୁଣ, ଫରଟିଫାଇଡ ଲୁଣ, ଖାଦ୍ୟରେ ଅତ୍ୟଧିକ ପରିମାଣରେ ସେଲେନିୟମ, ଜିଙ୍କ, ଆୟୋଡ଼ିନଯୁକ୍ତ ଖାଦ୍ୟକୁ ସାମିଲ କରିବେ ଯଥା ବ୍ରାଜିଲ ନଟ୍ସ ଦିନକୁ ୭ଟି, ଦୁଗ୍ଧ ଜାତୀୟ ପଦାର୍ଥ, କ୍ଷୀର, ଦହି, ପନିର, ଚିକ, ଚିକେନ, ବ୍ରେଷ୍ଟ, କିମ୍ବା ଲେଗ ପିସ, କେସର ସହିତ ଅଣ୍ଡା ୪-୫ଟି ସପ୍ତାହରେ, ସେଲଫିସ, ଟୁନା, ସାଇମନ, ସାରଡିନେସ, ସମସ୍ତ ପ୍ରକାର ଡାଲି ଓ ମଞ୍ଜି ଜାତୀୟ, ଲେନ ଚିଲ, ଚାକ ପି ବିନ୍ସ ତନ୍ତୁଜାତୀୟ ଖାଦ୍ୟ, ସବୁଜ ପନିପରିବା, ଅମୃତଭଣ୍ଡା, ଲାଉ, କଖାରୁ ମଞ୍ଜି ସହିତ, ସୂର୍ଯ୍ୟମୁଖୀ ମଞ୍ଜି, ସମସ୍ତ ପ୍ରକାର ଶାଗ, ନଡ଼ିଆ ତେଲ, ଚାଉଳ, କଖାରୁ ମଞ୍ଜି, ଫ୍ଲାକ୍ସ ସିଡ, ମାଛ ଇତ୍ୟାଦି ।

କେଉଁ ଖାଦ୍ୟ ଖାଇବେ ନାହିଁ : ଗାଏଟ୍ରୋଜେନିକ ଖାଦ୍ୟ ଯଥା - ସୋୟାବିନ, କ୍ରୁସିଫେରସ, ପରିବା ଯେପରି ଫୁଲକୋବି, ବନ୍ଧାକୋବି, ବ୍ରୋକଲି, ଷ୍ଟ୍ରବେରି, ଚିନାବାଦାମ, କନ୍ଦମୂଳ, ଗ୍ଲୁଟେନ ଯୁକ୍ତ ଖାଦ୍ୟ ଯଥା - ଗହମ, ପାସ୍ତା, ମଇଦାଯୁକ୍ତ ଖାଦ୍ୟ, ଚିନି ପ୍ରୋସେସ ଫୁଡ, ଜଙ୍କଫୁଡ, ଡାଲଡା ଘିଅ, ବର୍ଲି, ସଫ୍ଟ ଡ୍ରିଙ୍କସ୍, କୋଲଡ ଡ୍ରିଙ୍କସ୍ ଇତ୍ୟାଦି ।

କଣ ଯୋଗ କରିବେ : ନିୟମିତ ଅଧଘଣ୍ଟା ଯୋଗ ଓ ପ୍ରାଣାୟମ ଓ ୧୦ ମିନିଟ ଧ୍ୟାନ କରିବେ । ଆଠଘଣ୍ଟା ଶୋଇବେ । ପ୍ରତ୍ୟହ ଭୁଜଙ୍ଗ ଆସନ, ଧନୁରା ଆସନ, ଚକ୍ରାସନ, ଉଷ୍ଟ୍ରାସନ, ଉଜ୍ଜାୟୀ କରିବେ ।

ହାଇପର ଥାଇରଏଡ :

କେଉଁ ଖାଦ୍ୟ ଖାଇବେ : ସମସ୍ତ ପ୍ରକାର ସବୁଜ ପନିପରିବା, ଶାଗ, ବିନା ଆୟୋଡ଼ିନ ଯୁକ୍ତ ଲୁଣ, ବ୍ରାକିଲ ନଟ୍ସ, ବିନା କ୍ଷୀର ଯୁକ୍ତ ଚା ବା କଫି, ଓଟ୍ସ, ମହୁ, ପପକର୍ଣ୍ଣ, ଅଣ୍ଡାର ଧଳା ଅଂଶ, ବିନା ଲୁଣ, କ୍ଷୀର, ଅଣ୍ଡା ଯୁକ୍ତ ପାଉଁରୁଟି । ଖାଦ୍ୟରେ କ୍ରୁସିଫେରସ ପନିପରିବା ନେବା ଯଥା - ଫୁଲକୋବି, ବନ୍ଧା କୋବି, ବ୍ରୋକଲି, ବାଉଁଶ କଡ଼ି, ପାଳଙ୍ଗ, ଚିକେନ । ମଞ୍ଜି ଓ ଶସ୍ୟ ଜାତୀୟ ଖାଦ୍ୟ ଏବଂ ସମସ୍ତ ପ୍ରକାର ଡାଲି ଚୀକ, ଝୁଡ଼ଙ୍ଗ ମଞ୍ଜି, ବିନ୍ସ ମଞ୍ଜି, ଲେନ ଚିଲ, ନଟ୍ସ ଛତୁ, ଭେଣ୍ଡି । ଫରଟିଫାଏଡ ଜୁସ, ନଡ଼ିଆ ତେଲ, ଗୋଲମରିଚ, ହଳଦୀ, କଞ୍ଚା ଲଙ୍କା, ଷ୍ଟ୍ରବେରୀ କିୱି, କଖାରୁ ମଞ୍ଜି, ବ୍ଲୁବେରୀ, ବ୍ଲାକ ବେରୀ, ଚିଆ ସିଡ, ସୂର୍ଯ୍ୟମୁଖୀ ମଞ୍ଜି ।

କେଉଁ ଖାଦ୍ୟ ଖାଇବେ ନାହିଁ : ସମୁଦ୍ର ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, କ୍ଷୀର, ଚିଜ, ଅଣ୍ଡା କେଶର, ଆୟୋଡ଼ିନ ଯୁକ୍ତ ଲୁଣ, ଗହମ, ବାରଲି, ରାଇ, ସୋୟାବିନ, କଫି ଚା, ପ୍ରୋସେସ ଫୁଡ । ଅତ୍ୟଧିକ ଶର୍କରାଯୁକ୍ତ ଖାଦ୍ୟ, ଚିନି ଗୁଡ଼, ମହୁ, ଜଙ୍କଫୁଡ, କୋଲଡ ଡ୍ରିଙ୍କସ, ସଫ୍ଟ ଡ୍ରିଙ୍କସ, ମଇଦା ଓ ଅତ୍ୟଧିକ ଲୁଣ, ଡାଲଡ଼ା ଘିଅ ଇତ୍ୟାଦି ।

କେଉଁ ଯୋଗ କରିବେ : ସର୍ବାଙ୍ଗାସନ, ଚକ୍ରାସନ, ସେତୁବନ୍ଧାସନ, ହଳାସନ, ଊର୍ଦ୍ଧ୍ୱମୁଖ ପଞ୍ଚମତାସନ ଏହି ସବୁ ଆସନ ପ୍ରତ୍ୟହ ଅଧଘଣ୍ଟା କରିବା ଦ୍ୱାରା ଆମେ ସହଜରେ ହାଇପର ଥାଇରଏଡକୁ ନିୟନ୍ତ୍ରଣ କରିପାରିବା ଏବଂ ଉଜ୍ଜାୟୀ ପ୍ରାଣାୟାମ ପ୍ରତ୍ୟହ କରିବା ଉଚିତ ।

*କ୍ଲିନିକାଲ ନ୍ୟୁଟ୍ରିଏସନିଷ୍ଟ,*
*ଦୂରଭାଷ : ୭୦୦୮୦୨୧୦୪୮*

# ଆମ ହାଇସ୍କୁଲ ପାଠ କାଳରେ ଖେଳ ଶିକ୍ଷକ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଚାକିରୀ ଜୀବନରେ କେହି କୋଳି ଖାଇ ମଞ୍ଜି ପୋତିନଥାନ୍ତି । ଚାକିରୀରେ କିଛି ଦିନ ପରେ ବଦଳି ହୁଏ । ହୁଏତ ଦୁଇ ତିନି ବା ପାଞ୍ଚ ସାତ ବର୍ଷ ହୋଇପାରେ । ଏମିତିକି ବର୍ଷେ ପୁରେ ନାହିଁ । ଆମର ହାଇସ୍କୁଲ ଶ୍ରୀକୃଷ୍ଣ ଏକାଡ଼େମୀରେ ଜଣେ ପିଟିଆର ଖେଳ ଶିକ୍ଷକ ଚାକିରୀରେ ଆମର ୧୯୫୮ରୁ ପ୍ରାୟ ପାଞ୍ଚବର୍ଷ ଥିଲେ । ତାଙ୍କ ନାମ ବୀର ବାବୁ । ଶ୍ରୀ ବୀର କିଶୋର ଦାସ । ତାଙ୍କର ଶିକ୍ଷାଦାନ କାଳରେ ସେ ଏକ କ୍ଲାସ ନୁହଁ ଏକ ସେକସନ ନୁହଁ ପୁରା ସମଗ୍ର ବିଦ୍ୟାଳୟର ସେଥିଲେ ଖେଳ ଶିକ୍ଷକ । ପ୍ରତି ଶନିବାର ସକାଳୁଆ ପାଠପଢ଼ାରେ ଡ୍ରିଲ କ୍ଲାସରେ ମାସ ଡ୍ରିଲରେ ସେ ଅନେକ ପ୍ରକାର ଶରୀର ଚାଳନା କ୍ରିୟା ଏକ୍ସରସାଇଜ ଶିକ୍ଷା ଦେଉଥିଲେ । ଯାହାସବୁ ରାମ ଦେବବାବୁ ଯୋଗଗୁରୁ ସେଥିରୁ ଅଧିକାଂଶ ଶିକ୍ଷା ଖସଡ଼ାରେ ସ୍ଥାନ ଦେଇଛନ୍ତି । ପୋଲିଶ ସାମରିକ ବାହିନୀ ପରେଡ଼ ସେ ଶିକ୍ଷା ଦେଉଥିଲେ କମାଣ୍ଡ ହିନ୍ଦୀରେ ନହେଲେ ଇଂରାଜୀରେ ଦେଉଥିଲେ । ଶୃଙ୍ଖଳା ଜ୍ଞାନ ଶିକ୍ଷା ପ୍ରତ୍ୟକ୍ଷ ଓ ପରୋକ୍ଷରେ ଦେଉଥିଲେ । ଏକ ସାଥିରେ ଚତୁର୍ଥରୁ ଏକାଦଶ ଶ୍ରେଣୀ ଯାଏ ସମସ୍ତ ଛାତ୍ରଙ୍କୁ ସେ ଏକ ପ୍ରକାର ବିଦ୍ୟାରେ ବ୍ରତୀ କରି ରଖିଥିଲେ । ଖେଳ କ୍ଲାସ ସପ୍ତାହ ରୁଟିନରେ ପ୍ରାୟ ୨ଟି ଥାଏ । ଏହି ଖେଳ କ୍ଲାସରେ ବୀରବାବୁ ଛାତ୍ରମାନଙ୍କୁ ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ ପୁଣି କବାଡ଼ି ଶିକ୍ଷା ଦେଇ ଭଲ ଖେଳାଳୀ ବାଛି କୌଣସି ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ରଖାଉଥିଲେ । ବହୁଥର ପ୍ରତିଯୋଗିତାକୁ ନେଇ ସେଠାରେ କୃତି ଦେଖାଇ କପ ହାସଲ କରାଇଥିଲେ । ସେ ସମୟରେ ପାଖ କେତେ ଗ୍ରାମର ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଝିଅମାନେ ପୁଅଙ୍କ ସହିତ ବିଦ୍ୟାର୍ଜନ ମିଶି ପାଠ ପଢୁଥିଲେ । ଝିଅମାନେ ଲେଜିଂ ଖେଳ ରିଂବଲ, ବ୍ୟାଡ଼ମିଣ୍ଟନ ଖେଳୁଥିଲେ । ଏକ କାଠ ନିର୍ମିତ ଦୁଇପଟ ଛଡସି ମଧ୍ୟରେ ଧରିବାକୁ ଅଛି ଏହାକୁ ଲଗାଇ ଆଗେ ଠୋ ପିଛେ ଠୋ ଠୋକର ଦେଇ ଏକ ଶାରୀରିକ ପରିଶ୍ରମର ଖେଳ ଖେଳାଉଥିଲେ । ମଧ୍ୟରେ ମଧ୍ୟରେ କ୍ଲାସ କ୍ଲାସ ମଧ୍ୟରେ ଖେଳ ପ୍ରତିଯୋଗିତା କରାଉଥିଲେ । ବର୍ଷରେ ଥରେ ଦିଥର ବିଭିନ୍ନ ପ୍ରକାର ଖେଳର ପରକାଷ୍ଠା ଛାତ୍ରମାନେ ଦେଖାଇବା ପାଇଁ ପ୍ରଦର୍ଶନୀ ଖେଳ ଆୟୋଜନ କରାଉଥିଲେ । ବିଦ୍ୟାଳୟରୁ ଛାତ୍ରମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ସଂଗ୍ରହ କରି କେବେ ଯାତ୍ରା ମେଳାରେ କେବେ ନଈବଢ଼ିରେ ଲୋକଙ୍କୁ ସହାୟତା ପାଇଁ ନେଇ ଯାଉଥିଲେ । ସେ ଖାଲି ଡ୍ରିଲ ନୁହଁ, ଡ୍ରଇଁ ଶିକ୍ଷକତା ବି କରୁଥିଲେ । ତାଙ୍କର ହାତରେ ଚକ ଥିଲେ ସେ ବ୍ଲାକବୋର୍ଡ଼ରେ ଆଶ୍ଚର୍ଯ୍ୟଜନକ ଭାବରେ ବିଭିନ୍ନ ଜୀବର ମୂର୍ତ୍ତି ଆଙ୍କୁ ଥିଲେ ଯାତ୍ରା ଡ୍ରଇଂରେ ଛାତ୍ରଛାତ୍ରୀଙ୍କୁ ଧୁରୀଣ କରାଉଥିଲେ । ଆମର ପ୍ରଧାନ ଶିକ୍ଷକ ତତ୍କାଳରେ ଥିଲେ ଯୋଗେନ ବାବୁ ସେ ଚାକିରୀ ଏହି ଖେଳ ଶିକ୍ଷକରୁ ଆରମ୍ଭ କରିଥିଲେ । ଅତଏବ ଆମର ବୀରବାବୁଙ୍କର ଡ୍ରିଲ କ୍ଲାସ ଖେଳ କ୍ଲାସ ଠିକ ଚାଲିଛିକି ନାହିଁ ସେ ପ୍ରତ୍ୟକ୍ଷ ଅନୁଧ୍ୟାନ ମଧ୍ୟରେ ମଧ୍ୟରେ କରୁଥିଲେ । ବୀରବାବୁଙ୍କ ବେଳେ ଗଣତନ୍ତ୍ର ଦିବସ ସ୍ୱାଧୀନତା ଦିବସରେ ସ୍ମରଣୀୟ ପତାକା ଉତ୍ତୋଳନ କାର୍ଯ୍ୟ ଆମର ବିଦ୍ୟାଳୟରେ ହେଉଥିଲା ଯାହା ଏବେ କରାଯିବା ସ୍ୱାଧିନତା ଦିବସ କାର୍ଯ୍ୟକ୍ରମ କେବେ ନ୍ୟୁନ ନୁହେଁ । ଜନଗଣମନ ବନ୍ଦେ ମାତରଂ ବନ୍ଦେ ଉତ୍କଳ ଜନନୀ ପରି ବନ୍ଦନା ସଂଗୀତ ଗୁଡ଼ିକ ଭଲ ଭାବରେ ଛାତ୍ରଙ୍କୁ ଶିକ୍ଷା ଦେବା ସେତେବେଳେ ଆମ ବିଦ୍ୟାଳୟରେ ହେଉଥିଲା । ଯାହା ହୁଏତ ଏବେଲୁ ଭାବନାର ବିଷୟ । ସେ ସାର ଗଲେ ତାପରେ କାଶୀବାବୁ ଆସିଲେ ସେ ବି ନିନ୍ଦନୀୟ ନୁହଁନ୍ତି ହେଲେ ସେ ବୀରବାବୁଙ୍କର ସମତୁଲ ହୋଇ ପାରିବା ମୋର ହୃଦବୋଧ ହେଉନାହିଁ । କେବଳ ଏଇ ସାର ନୁହଁ ସବୁ ସାର ଜଣେ ଜଣେ ନିର୍ଦ୍ଦିଷ୍ଟ ବିଷୟରେ ଏକ ଏକ ମାଇଲଖୁଣ୍ଟ ଥିଲେ ସେ ବେଳ ନାହିଁ ସେ ବିଦ୍ୟାଳୟର ନାମ ଅଛି ହେଲେ ପ୍ରତାପ ଏବେ ସଂକୁଚିତ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଯଶ ଓ କୀର୍ତ୍ତିର କର୍ମଯୋଗୀ ଭ୍ରମରବରଙ୍କ ସ୍ମୃତିରେ

ବାଦଲ ଭୂୟାଁ

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି - 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି । ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି ।' ଏହା ଅବିସମ୍ବାଦିତ ସତ୍ୟ । ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି । କାଲିପରି ଲାଗୁଛି ଆପଣ ଆମକୁ ଛାଡ଼ି ଚାଲିଗଲେ । ଛାଡ଼ି ଚାଲିଗଲେ ଯେ ଆଉ ଫେରିବେ ନାଇଁ । ଏମିତି ଏକ ସହର ଯେଉଁଠିକୁ ଗଲେ କେହି କେବେ ଫେରେ ନାହିଁ । ସେ ସହର ମୃତ୍ୟୁର ସହର, ଜୀବନର ଶେଷ ପରିଣତି । ଆପଣ ଚାଲି ଗଲେ ଛଅ ପୁଅ ବୋହୂ ଓ ନାତି ନାତୁଣୀଙ୍କ ଭରାପୁରା ସଂସାରକୁ ଛାଡ଼ି । ଆପଣଙ୍କ ସ୍ୱପ୍ନର ସାମ୍ରାଜ୍ୟ ଆରଏସ୍‌ବି କମ୍ପାନୀ ମାଧ୍ୟମରେ ବ୍ୟାପିଥିଲା ଦେଶ ଠୁ ବିଦେଶ । ଆପଣଙ୍କ ସୁଯୋଗ୍ୟ ସନ୍ତାନ ମାନଙ୍କ ସଫଳ ପରିଚାଳନା ଓ ଦୂରଦୃଷ୍ଟି ଯୋଗୁଁ ଏ କମ୍ପାନୀର ସଫଳତା ସବୁଠି ପରିବ୍ୟାପ୍ତ । ଆପଣ ଥିଲେ ଆମ ମାନଙ୍କର ଅଭିଭାବକ ଭ୍ରମରବର ବେହେରା ।

କଳକାରଖାନା ଚଳାଇବା ସହ ସମାଜ ସେବା କରିବା ଥିଲା ଆପଣଙ୍କ ଓ ଆପଣଙ୍କ ସୁଯୋଗ୍ୟ ସନ୍ତାନ ମାନଙ୍କ ପରମ କର୍ତ୍ତବ୍ୟ । ଓଡ଼ିଶା କିମ୍ବା ଓଡ଼ିଶା ବାହାରେ ବନ୍ୟା ହେଉ, ଭୂମିକମ୍ପ ସବୁଥିରେ ରହୁଥିଲା ତାଙ୍କର ସହଯୋଗ । ନିଜ ଗାଁ ମଣିଆ (ଚୌଦ୍ୱାର) ଠାରେ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ପଦ୍ମାବତୀ ବିଦ୍ୟାଳୟ ନାମରେ ଏକ ବିଦ୍ୟାଳୟର ସ୍ଥାପନା କରାଯାଇ ନିଜ ଗାଁ ଓ ଗାଁ ଆଖପାଖର ପିଲାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ସେଠାରେ ଥିବା ଆରଏସ୍‌ବି କମ୍ପାନୀର ଦୁଇଟି ଯାକ ସ୍ଥାନରେ ଗାଁ ପିଲାଙ୍କୁ ଚାକିରୀରେ ଅଗ୍ରାଧିକାର ଦିଆଯାଇ ସେମାନଙ୍କ ପରିବାର ଲୋକ ମାନଙ୍କର ସ୍ୱାସ୍ଥ୍ୟର ତଦାରଖ କରିବା ପାଇଁ ନିୟମିତ ଡାକ୍ତର ଔଷଧ ଯୋଗାଇବା ଥିଲା ତାଙ୍କର ଜୀବନର ମୂଳମନ୍ତ୍ର । ନିଜ ଗାଁରେ ଥିବା ମନ୍ଦିରର କେମିତି ପୁନରୁଦ୍ଧାର ହୋଇପାରିବ ତାପାଇଁ ଟାଟା ନଗରର ଆକୃତି ଆର୍କିଟେକଚର ଅବନିଶ ପ୍ରସାଦ ମିଶ୍ରଙ୍କୁ ଡାକି ସେ ବିଷୟରେ କାମ କରିବାକୁ କହିଥିଲେ । ଗାଁ ପିଲାଙ୍କ ଶାରୀରିକ ବିକାଶ ପାଇଁ ଫୁଟବଲ୍, କ୍ରିକେଟ ଓ ଅନ୍ୟାନ୍ୟ ଖେଳ ସରଞ୍ଜାମ ସହ ଭଲ କୋଚ ମାନଙ୍କର ବ୍ୟବସ୍ଥା କରୁଥିଲେ । ଶିକ୍ଷ, ସ୍ୱାସ୍ଥ୍ୟ, ଖେଳ ସହ କୃଷିର ବିକାଶ ପାଇଁ ମଣିଆ ଠାରେ ପ୍ରାୟ ପାଞ୍ଚ ଶହ ଏକର ଜମିରେ ଆଧୁନିକ ଜ୍ଞାନ କୌଶଳରେ ଉନ୍ନତ ମାନର ଫଳ, ଫୁଲ ଓ ପନିପରିବା ଚାଷର ତାଲିମ ତାଙ୍କ ଫାର୍ମ ହାଉସ ଠାରେ ଦିଆଯାଏ । ଓଡ଼ିଶା ସରକାରଙ୍କ ଠାରୁ ଏ ଫାର୍ମ ଅନେକଥର ପୁରସ୍କୃତ ହୋଇଛି । ମାନବ ସେବା ହିଁ ମାଧବ ସେବା ଥିଲା ଭ୍ରମର ବାବୁଙ୍କ ଜୀବନର ମୂଳମନ୍ତ୍ର । ଜଣେ ହୋମିଓପ୍ୟାଥି ଡାକ୍ତର ଭାବରେ ଖ୍ୟାତ ଥିଲେ ସେ । ବିନା ପାରିଶ୍ରମିକରେ ରୋଗୀ ମାନଙ୍କୁ ଦେଖୁଥିଲେ ଔଷଧ ଦେଉଥିଲେ । ଭ୍ରମର ବାବୁଙ୍କ ମୃତ୍ୟୁଖବର ଲୌହ ନଗରୀ ଜାମସେଦପୁରର ଅନେକ ଲୋକଙ୍କୁ ଦୁଃଖ ଦେଇଛି କଷ୍ଟ ଦେଇଛି । କାରଣ ସମସ୍ତଙ୍କ ସୁଖ ଦୁଃଖରେ ସେ ସାମିଲ ହେଉଥିଲେ । ସମସ୍ତଙ୍କ ଦୁଃଖ ହରଣ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ଯିଏ ତାଙ୍କ ଘରକୁ ଯାଉଥିଲା ତାଙ୍କୁ ସେ ଖାଲି ହାତରେ ଫେରାଉ ନଥିଲେ । କାହା ମନରେ କଷ୍ଟ ହେଲା ଭଳି କଥା ପଦଟିଏ ମଧ୍ୟ ସିଏ କାହାକୁ କହୁନଥିଲେ । ଜୀବନର ଆରମ୍ଭରୁ ଟାଟା କମ୍ପାନୀରେ ଚାକିରୀ କରିଥିଲେ । ତାଙ୍କର ସୁଯୋଗ୍ୟ ସନ୍ତାନମାନେ ଆରଏସ୍‌ବି ନାମକ ଅଟୋଆନ୍‌ସିଲାରୀ କମ୍ପାନୀ ଜାମସେଦପୁର, ପୁନା, ପନ୍ତନଗର, କଟକ, ଚେନ୍ନାଇ, ବେଲଜିୟମ ଓ ଆମେରିକା ଠାରେ ସ୍ଥାପନ କରି ପୃଥିବୀର ବଡ଼ ବଡ଼ ଅଟୋନିର୍ମାତା ଟାଟ, ଅଶୋକଲେଲ୍ୟାଣ୍ଡ, ମହିନ୍ଦ୍ରା, ଜନିଡିୟର, ଟେଲକନ, କ୍ୟୁମିନ୍‌ସ ପରି ବଡ଼ ବଡ଼ କମ୍ପାନୀ ମାନଙ୍କୁ ଦେଉଥିଲେ । ଶହ ଶହ ଲୋକଙ୍କୁ ରୋଜଗାର ଦେଇ ସେ ଓଡ଼ିଆ ମାନଙ୍କର ମାନ ମହତକୁ ବଢ଼େଇଛନ୍ତି । ଭ୍ରମର ବାବୁଙ୍କ ପତ୍ନୀ ପଦ୍ମାବତୀ ବେହେରାଙ୍କ ନାମରେ ଏକ ବିଶାଳ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଆଗେଇଚାଲିଛି । ଏ ଯୋଗଜନ୍ମା କର୍ମଯୋଗୀଙ୍କ ପାଇଁ ଜାମସେଦପୁରର ଉତ୍କଳ ଆସୋସିଏସନ, ଗୋଲମୁରୀ ଉତ୍କଳ ସମାଜ ଛଡ଼ା ଅନେକ ସଂସ୍ଥା ତରଫରୁ ଶୋକ ସମ୍ବେଦନାଜ୍ଞାପନ କରାଯାଇଛି । ଏପରି କର୍ମଯୋଗୀଙ୍କ ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ । ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରିଣୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ*
*ରୋଡ଼, ପୁରୁଣା ସୋନାରୀ,*
*ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଓ ଆଦର୍ଶ ଜୀବନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା । ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ' ।

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି । ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ ।

କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୁଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି । ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି ।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼ଶକଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ । ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ସେହ ହିଁ ମୁକ୍ତ କଣ୍ଠରେ ଘୋଷଣା କରନ୍ତି - ମରନା, ମାରନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର ।

*ସହପ୍ରତିଋତ୍ୱିକ ଓ ପ୍ରଫେସର, ଲିଭର*
*ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ*
*କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ସଦଗୁରୁ ସ୍ୱାମୀ ଚିଦାନନ୍ଦ

ହେମନ୍ତ କୁମାର ପରିଡ଼ା

ସନାତନ ସଂସ୍କୃତିର ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ଅଭିହିତ କରାଯାଇଛି । ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମାମଣ୍ଡିତ ହୋଇଛି । ଯୁଗେ ଯୁଗେ ସେହି ମାନଙ୍କର ତପଶକ୍ତି ଧରଣୀକୁ ଧାରଣ କରିବା ସହିତ ସତମାର୍ଗ ପ୍ରଦର୍ଶନ କରିଆସିଛି । ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସେହିଭଳି ଜଣେ ମହାନ ତପସ୍ୱୀ । ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସାରା ବିଶ୍ୱକୁ ପ୍ରକାଶିତ କରିଛନ୍ତି । ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଦିବ୍ୟ ଶିଶୁ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଆବିର୍ଭୁତ ହୋଇଥିଲେ । କୁଳିନ ବ୍ରାହ୍ମଣ ବଂଶ, ଏକ ପ୍ରଖ୍ୟାତ ଜମିଦାର ପରିବାର । ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ । ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ବ୍ୟକ୍ତି । ଲୋକେ ତାଙ୍କୁ ମୁକୁଟ ବିହୀନ ସମ୍ରାଟ ଭାବେ ଜ୍ଞାନ କରୁଥିଲେ । ଶ୍ରଦ୍ଧାରେ ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର । ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ । ଶିଶୁ ଶ୍ରୀଧର ବହୁ ବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ । ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲେ । ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ପବିତ୍ର । ଉଭୟ ପରିବାରର ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ । ସଂସାରର ସମସ୍ତ ସୌଖ୍ୟ ତାଙ୍କୁ ବାନ୍ଧି ପାରିଲା ନାହିଁ । ସବୁ ଆକର୍ଷଣ ତ୍ୟାଗ କରି ସେ ପରମ ସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ । ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠାତା ମହଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣ କମଳରେ ନିଜକୁ ସମର୍ପି ଦେଇଥିଲେ । ୧୯୪୯ ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ନାମରେ ପରିଚିତ ହେଲେ । ଏହି ନାମରେ ସେ ବିଶ୍ୱ ବିଦିତ ସନ୍ନ୍ୟାସୀ ଭାବେ ପରିଚିତ ହୋଇଥିଲେ ।ଗଭୀର ଆଧ୍ୟାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ଗ୍ରହଣ କରିନେଇଥିଲେ । ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସାରା ସଂସାରକୁ ବ୍ରହ୍ମଙ୍କ ସ୍ୱରୂପରେ ଦର୍ଶନ କରୁଥିଲେ । ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ପଷ୍ଟ ଫୁଟି ଉଠୁଥିଲା । ଅତି ଛୋଟ ବେଳୁ ତାଙ୍କ ଠାରେ ସେବା ପ୍ରେମର ପ୍ରାବଲ୍ୟ ପରିଲକ୍ଷିତ ହୋଇଥିଲା । ଘରର ଚାରିପଟେ କୋଷ୍ଟରୋଗୀ ମାନଙ୍କୁ ରଖୁ ଅତି ଯତ୍ନର ସହିତ ସେମାନଙ୍କର ସେବାପୂଜା କରୁଥିଲେ । ଏହି ଭାବରେ ଜୀବନସାରା ବ୍ରତୀ ହୋଇ ରହିଥିଲେ । ତାଙ୍କ ମା' ଥିଲେ ଜଣେ ମହୀୟସୀ ମହିଳା । ତାଙ୍କ ପ୍ରଭାବ ତାଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା । ମଣିଷତ ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ ମାନେ ମଧ ତାଙ୍କ କୃପାକଟାକ୍ଷରୁ ବାଦ ପଡୁନଥିଲେ । ଯନ୍ତ୍ରଣାରେ ଛଟପଟ ହେଉଥିବା ଗୋଟିଏ ବୁଲ କୁକୁରର ଗଳିତ କ୍ଷତ ଦେଖି ସେ ସେହି ରାସ୍ତାକଡ଼ରେ ସେବା କରିବାକୁ ଲାଗିଗଲେ । କ୍ଷତରୁ ବାହାରୁଥିବା ପୋକ ସବୁକୁ ସଫା କରୁ କରୁ ସେ ସେହିଠାରେ ଶୋଇ ଯାଇଥିଲେ । ଏହା ଦେଖି ଗୁରୁଦେବ ଶିବାନନ୍ଦ କହିଥିଲେ ସ୍ୱାମୀ ଚିଦାନନ୍ଦ ଜଣେ ସାଧାରଣ ମଣିଷ ନୁହଁନ୍ତି । ସେ ସେବାର ଘନ ବିଗ୍ରହ । ଆଉ ଥରେ କହିଥିଲେ ସ୍ୱାମୀ ଚିଦାନନ୍ଦ ମୋର ଗୁରୁ ହେବା କଥା । କେଉଁ ପ୍ରାରବ୍ଧ ବଳରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି । ସେ ଜଣେ ମହାନସିଦ୍ଧ । ଏହା ତାଙ୍କର ଶେଷ ଜନ୍ମ । ସେବାର ସୁଯୋଗ ମିଳିଲେ ସେ ତଲ୍ଲୀନ ହୋଇଯାଉଥିଲେ । ସବୁ କାର୍ଯ୍ୟକୁ ପଛକରି ସେ ନାରାୟଣ ଜ୍ଞାନରେ ସେବାରତ ରହୁଥିଲେ । ଜୀବ ସେବାକୁ ଶିବ ସେବା ମଣୁଥିଲେ । ୧୯୪୮ ମସିହାରେ ଶିବାନନ୍ଦ ତାଙ୍କ ଆଶ୍ରମରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟ ବିଶ୍ୱବିଦ୍ୟାଳୟ । ସ୍ୱାମୀ ଚିଦାନନ୍ଦ ହୋଇଥିଲେ ତାର କୁଳପତି ଓ ରାଜଯୋଗ ପ୍ରାଚାର୍ଯ୍ୟ । ଗୁରୁଙ୍କ ଆଦେଶ ରୂପକ ଆଶୀର୍ବାଦ ଧାରଣ କରି ସେ ବିଶ୍ୱଭ୍ରମଣ କରିଥିଲେ । ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଯୋଗବେଦାନ୍ତର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତମାନଙ୍କର ହୃଦୟ ଜିଣି ନେଇଥିଲେ । ପାଶ୍ଚାତ୍ୟ ଭକ୍ତମାନେ ତାଙ୍କୁ ଭାରତର ସେଣ୍ଟ ଫ୍ରାନସିସ ଓ ଶାନ୍ତିଦୂତ ଭାବେ ଅଭିହିତ କରୁଥିଲେ । ମର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲେ । ନମ୍ରତା ତାଙ୍କର ଭୂଷଣ ଥିଲା । ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ଭଗବାନ ଶ୍ରୀରାମଙ୍କ ଅବତାର ବୋଲି ମଧ୍ୟ କହିବାକୁ ଭୁଲୁନଥିଲେ । ସ୍ୱାମୀ ଚିଦାନନ୍ଦଜୀ ସାରା ବିଶ୍ୱରେ ଗୀତାର ଜଣେ ପ୍ରଚଣ୍ଡ ପ୍ରବକ୍ତା । ଏକଦା ଏକ ବିଶ୍ୱବିଦ୍ୟାଳୟରେ ସ୍ଥିତପ୍ରଜ୍ଞ ଲକ୍ଷଣ ଉପରେ ଗୀତାର ୨ୟ ଅଧ୍ୟାୟ ବୁଝାଉଥିଲେ । ଜଣେ ପ୍ରଫେସର ପ୍ରଶ୍ନକଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞର ଯେଉଁ ସବୁ ଲକ୍ଷଣ ବର୍ଣ୍ଣନା କରୁଛନ୍ତି, ଏପରି ବ୍ୟକ୍ତି କ'ଣ ପୃଥିବୀରେ ସମ୍ଭବ । ସ୍ୱାମୀଜୀ ତତକ୍ଷଣାତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ନାମ ଉଲ୍ଲେଖ କରିଥିଲେ । ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ ଜଣେ ସ୍ଥିତପ୍ରଜ୍ଞ ଯୋଗୀ ଭାବରେ ନର ଦେହରେ ନାରାୟଣ ଭଳି ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି । ସତରେ ସ୍ୱାମୀ ଚିଦାନନ୍ଦଜୀଙ୍କ ଭଳି ପର ଦୁଃଖକାତର ମହାତ୍ମା ସଂସାରରେ ବିରଳ । ସେ ଥିଲେ ଜଣେ ସୁଲେଖକ, ସୁବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ । ସମାଜର ସମସ୍ତ ସମସ୍ୟା ସମାଧାନ କରି ଏକ ସୁସ୍ଥ ସମାଜ ଗଠନରେ ସେ ନିତ୍ୟ ବ୍ରତୀ ଥିଲେ । ତାଙ୍କ ନାମ ଶୁଣି ଲୋକମାନେ ଦର୍ଶନ ପାଇଁ ଜମା ହୋଇଯାଉଥିଲେ । ମଧୁର ସମ୍ଭାଷଣ ଅନେକ ମୁମୁର୍କ୍ଷୁଙ୍କ ହୃଦୟରେ ଆତ୍ମଜ୍ଞାନର ବୀଜ ବପନ କରୁଥିଲା । ସ୍ୱାମୀଜୀ ଥିଲେ ପ୍ରଖର ପ୍ରଜ୍ଞା ଓ ସଜଳ ଶ୍ରଦ୍ଧାର ମିଳିତ ତନୁ । ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ ।

୧୯୬୩ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ମହାସମାଧି ପ୍ରାପ୍ତ ହେଲେ । ସେବେଠାରୁ ବିଶ୍ୱ ଦିବ୍ୟ ଜୀବନ ସଂଘର ଗୁରୁ ଦାୟିତ୍ୱ ନିର୍ବାହ ଭାର ତାଙ୍କ ଉପରେ ରହିଲା । ୨୦୦୮ ଅଗଷ୍ଟ ୨୮ ତାରିଖ ମହାସମାଧି ଯାଏ ସେ ସଭାପତି ଭାବେ ଏହି ଦାୟିତ୍ୱ ନିର୍ବାହ କରି ଆସୁଥିଲେ । ସ୍ୱାମୀଜୀଙ୍କର ପଞ୍ଚଭୂତ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା । ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣରେ ପ୍ରେରଣା ଓ ମାର୍ଗ ଦର୍ଶନର ଉତ୍ସ ହୋଇ ଅମର ହୋଇଗଲେ । ମହାନ ସଦଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ସଭକ୍ତି ପ୍ରଣାମ ।

ମାଳତୀକୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬




# ପୀରତି ଚୋରି ଚୋରି ଖେଳ


ନିରଞ୍ଜନ ସାହୁ

ସେଦିନ ବ୍ଲକ କାର୍ଯ୍ୟାଳୟରେ ଗ୍ରାମ ପଞ୍ଚାୟତର ସମସ୍ତ କାର୍ଯ୍ୟସାରି ଘରକୁ ଫେରିବାକୁ ବହୁତ ବିଳମ୍ବ କରିଥିଲେ ଯୁବ ସରପଞ୍ଚ ଅବିନାଶ ରାୟ । ବ୍ଲକ ଚେୟାରମ୍ୟାନ ଓ ବିଡ଼ିଓ ସରକାରୀ କାର୍ଯ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବାରୁ ବ୍ଲକ କାର୍ଯ୍ୟାଳୟକୁ ଫେରିବାରେ ଯଥେଷ୍ଟ ବିଳମ୍ବ ହୋଇଥିଲା । ତେଣୁ ବ୍ଲକ ଚେୟାରମ୍ୟାନ ଓ ବିଡ଼ିଓ ଉଭୟେ ଫେରିବା ପରେ ଅବିନାଶ ବାବୁ ସେମାନଙ୍କୁ ଦେଖାକରି ଆବଶ୍ୟକୀୟ କାଗଜପତ୍ର କାର୍ଯ୍ୟସାରି ଘରକୁ ଫେରିବାରେ ବିଳମ୍ବ ହେବା ସ୍ୱାଭାବିକ । ବ୍ଲକ କାର୍ଯ୍ୟାଳୟ ପରିସରରୁ ନିଜର ବାଇକ ବାହାର କରି ମୁଖ୍ୟ ସଡ଼କ ଉପରକୁ ଆସିବା କ୍ଷଣି ବଜାର ଉପରେ ଦେଖା ହୋଇଗଲେ ପିଲାଦିନର ବନ୍ଧୁ ସୁବାସ ବାବୁ । ଗୋଟିଏ ଗାଆଁର ଲୋକ ଉଭୟେ । ସେଦିନ ତାଙ୍କ ଗାଆଁକୁ ଯାଉଥିବା ବସ ସହରରୁ ଫେରିବାରେ ଯଥେଷ୍ଟ ବିଳମ୍ବ ହୋଇଯାଇଥିବାରୁ ଗାଆଁକୁ ଫେରି ନପାରି ଅନେକ ସମୟ ଧରି ବସକୁ ଅପେକ୍ଷା କରିକରି ଖୁବ ଧୈର୍ଯ୍ୟହରା ହୋଇପଡିଥିଲେ ସୁବାସ ବାବୁ । ସେ ମଧ ବ୍ୟାଙ୍କ କାମରେ ଆଜି ଆସି ଏମିତି ପରିସ୍ଥିତି ଭୋଗିଥିଲେ । ହଠାତ ଅବିନାଶ ବାବୁଙ୍କ ସହିତ ଭେଟ ହୋଇଯିବାରୁ ଉଭୟେ ସାଥି ହୋଇ ବାଇକରେ ଫେରୁଥିଲେ ଗାଆଁକୁ । ବାଟରେ କେତେ ଖୁସିରେ ମଜାମଜା ଗପସପ ହେବା ସହିତ ରାଜନୀତି , ପଞ୍ଚାୟତର ନାନାବିଧ ସମସ୍ୟା , ଲୋକମାନଙ୍କର ଅଭାବ ଅସୁବିଧା ଇତ୍ୟାଦି ଇତ୍ୟାଦି ବିଷୟରେ କଥା ହେଉହେଉ ବାଇକ ପ୍ରାୟ ପାଞ୍ଚ କିଲୋମିଟର ହେବ ରାସ୍ତା ଆଗକୁ ଗଡ଼ିଥିଲା । ହଠାତ ଏକ ଛକ ସ୍ଥାନରେ ବାଇକ ଅଟକାଇବାକୁ କହିଥିଲେ ସୁବାସ ବାବୁ । କାରଣ ସେଠାରେ ଏକ ପ୍ରସିଦ୍ଧ ମିକ୍ସଚ଼ର ଦୋକାନ ଥିଲା । ଯଦିଓ ଆଜିକାଲି ସବୁଠାରେ ମିକ୍ସଚ଼ର , ସେଉ , ଗାଣ୍ଠିଆ ଇତ୍ୟାଦି ମିଳୁଛି ତଥାପି ଏହି ଦୋକାନରେ ତିଆରି ହୋଇ ବିକ୍ରି ହେଉଥିବା ମିକ୍ସଚ଼ରର ଏକ ନିଆରା ଆଦର ରହିଛି । ସୁବାସ ବାବୁ ଯେତେବେଳେ ବ୍ଲକକୁ କୌଣସି କାମରେ ବାଇକ ନେଇ ଆସନ୍ତି , ଏଠାରୁ ସେ ନିଶ୍ଚୟ ମିକ୍ସଚ଼ର ଚ଼ାରିପାଞ୍ଚ ପ୍ୟାକେଟ କିଣି ଘରକୁ ନିଅନ୍ତି । ଆଜି ସେ ବାଇକ ନ ନେଇ ବସରେ ଆସିଥିବାରୁ ମିକ୍ସଚ଼ର ନେବାର ସୁଯୋଗ ଆଉ ନଥିଲା । ମାତ୍ର ଅବିନାଶ ବାବୁଙ୍କ ସହିତ ବାଇକରେ ଫେରୁଥିବାରୁ ମିକ୍ସଚ଼ର ନେବାରେ ଆଜି ଆଉ କୌଣସି ସମସ୍ୟା ନଥିଲା । ସେହି ଛକରେ ଅବିନାଶ ବାବୁ ବାଇକ ରଖିବା ମାତ୍ରେ ସୁବାସ ବାବୁ ମିକ୍ସଚ଼ର କିଣିବା ଲାଗି ସେହି ଦୋକାନକୁ ଚ଼ାଲି ଯାଇଥିଲେ । ବାଇକ ଧରି ଗୋଟିଏ କୃଷ୍ଣଚୂଡ଼ା ଗଛ ଛାଇରେ ଛିଡା ହୋଇଥିଲେ ଅବିନାଶ ବାବୁ । ରାସ୍ତା କଡରେ କୃଷ୍ଣଚୂଡ଼ା ଗଛକୁ ସାମାନ୍ୟ ଛାଡି ଦୁଇତିନୋଟି ଦୋକାନ ଘର । ପ୍ରାୟ ଅପରାହ୍ଣ ତିନିଟା ପାଖାପାଖି ହୋଇଥିବାରୁ ଦୋକାନଗୁଡିକ ବନ୍ଦ ରହିଥାଏ । ଅଥଚ଼ ସେହି ଦୋକାନ ପିଣ୍ଡାରେ କୌଣସି ଏକ ବସକୁ ଅପେକ୍ଷା କରି ଛିଡା ହୋଇଥାନ୍ତି ଜଣେ ସୁନ୍ଦରୀ ତରୁଣୀ । ବୟସ ପ୍ରାୟ ପଚ଼ିଶ ପାଖାପାଖି ହେବ । ହାବଭାବରୁ ଜଣାପଡୁଥାଏ ସେ ଜଣେ ଖୁବ ଉଚ୍ଚ଼ ଶିକ୍ଷିତା ହେବେ । ନିଜର ଗନ୍ତବ୍ୟ ସ୍ଥଳକୁ ଯିବାଲାଗି ବସକୁ ଅପେକ୍ଷା କରି ସେ ଏକାକୀ ଛିଡା ହୋଇଥାନ୍ତି । ଦୋକାନ ପିଣ୍ଡାରେ ଥୁଆ ହୋଇଥାଏ ତାଙ୍କର ଲଗେଜ ବ୍ୟାଗ । ଯୁବ ସରପଞ୍ଚ ଅବିନାଶ ବାବୁ ସୌମ୍ୟଦର୍ଶୀ । ଉଚ୍ଚ଼ ଶିକ୍ଷିତ ମଧ । ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପନ କରିଛନ୍ତି ସେ । ବୟସ ଯଦିଓ ତିରିଶ ପାଖାପାଖି ହେବ ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି ସେ । ସାଧାରଣତଃ ଛିଡା ହୋଇଥିବା ବେଳେ ଜଣେ ସୁନ୍ଦରୀ ଯୁବତୀଙ୍କୁ ଖୁବ ନିକଟରେ ଏକାକୀ ଏକାନ୍ତରେ ଦେଖିବା ବେଳେ ଯୁବ ସୁଲଭ ମନରେ ନିଶ୍ଚୟ କିଛିଟା ଭାବାନ୍ତର ସୃଷ୍ଟି କରିଥିବ ଅବଶ୍ୟ । ତଥାପି ସେ ନିର୍ବିକାର । କାରଣ ସେହି ଅପରିଚ଼ିତା ଯୁବତୀ ଜଣକ କିଏ , ସେ କାହିଁକି ଏକୁଟିଆ ଛିଡା ହୋଇଛନ୍ତି ଏକଥା ପଚ଼ାରିବା ନିହାତି ଅସୌଜନ୍ୟତା ବ୍ୟାପାର । ତାଛଡା ଯୁବତୀ ଜଣକ ତାଙ୍କୁ କେଉଁ ଦୃଷ୍ଟିରେ ଦେଖୁଛନ୍ତି ସିଏ ଅବା କିପରି ଜାଣିବେ ? ଅବଶ୍ୟ ସଂପୃକ୍ତ ଯୁବତୀଙ୍କ ମନରେ ଜଣେ ସୌମ୍ୟଦର୍ଶୀ ଯୁବକଙ୍କୁ ଏକାନ୍ତରେ ଦେଖିଲେ ମନ ମଧରେ ନିଶ୍ଚୟ କିଛି ପ୍ରତିକ୍ରିୟା ସୃଷ୍ଟି ହୋଇପାରେ । ତଥାପି କାହା ମନର ଗୋପନୀୟ ରହସ୍ୟ କ'ଣ ତାହା କିଏ ପଢିପାରେ ନା ବୁଝିପାରେ ? ନର ମାୟା ନାରାୟଣଙ୍କୁ ତ ଅଗୋଚ଼ର । କିଏ ଅବା କାହା ମନର ଗଭୀରତମ ପ୍ରଦେଶକୁ ପ୍ରବେଶ କରିପାରେ ? ଉଭୟେ ପରସ୍ପରକୁ ଟିକେଟିକେ ଚ଼ାହିଁବା ଭିତରେ ଅବିନାଶ ବାବୁ ବନ୍ଧୁ ସୁବାସ ବାବୁ ଫେରିଲେ କି ନାହିଁ ଜାଣିବା ପାଇଁ ସେହି ମିକ୍ସଚ଼ର ଦୋକାନକୁ ଟିକେଟିକେ ଚ଼ାହିଁ ଦେଉଥାନ୍ତି । ଦୋକାନରେ ସାମାନ୍ୟ ଗହଳି ଥାଏ ଅବଶ୍ୟ । ତେଣୁ ଅବିନାଶ ବାବୁ ନିରବରେ ଛିଡା ହୋଇ ନିଜର ମୋବାଇଲ ଖୋଲି ଫେସବୁକ ଚ଼ଳାଇବାରେ ବ୍ୟସ୍ତ ରହିବାକୁ ଅଗତ୍ୟା ବାଧ ହୋଇଥାନ୍ତି । ହଠାତ ସେହି ସମୟରେ ସେହି ଛକ ସ୍ଥାନର ସାମ୍ନା ରାସ୍ତାରେ ଜଣେ ପାଖାପାଖି ଷାଠିଏ ବର୍ଷୀୟ ଜନୈକ

ମହିଳା କେଉଁଆଡ ? ବସରେ ଯିବେ ବୋଲି ଆସି ସେଠାରେ ଉପସ୍ଥିତ ହେଲେ । ସେ ଦୋକାନ ପିଣ୍ଡାରେ ନିଜର ବ୍ୟାଗପତ୍ର ରଖି ଦୋକାନ ପିଣ୍ଡା ଉପରକୁ ଉଠିଯାଇ ସେହି ତରୁଣୀଙ୍କ ସହିତ ସାମାନ୍ୟ କଥାବାର୍ତ୍ତା କଲେ । ବୋଧହୁଏ ସେହି ବୟସ୍କ ମହିଳା ଜଣକ ସେହି ସୁନ୍ଦରୀ ଯୁବତୀଙ୍କର ସମ୍ପର୍କୀୟ ଅବା ପୂର୍ବ ପରିଚ଼ିତ ହୋଇପାରନ୍ତି । ଯୁବତୀଙ୍କ ସହିତ ସାମାନ୍ୟ ଆଳାପ ପରେ ସେ ସେହି ଯୁବତୀଙ୍କୁ ସିଧାସଳଖ ପ୍ରଶ୍ନ କଲେ , ' ଇଏ କିଏ କି ? ଇଏ ଏଠି କାହିଁକି ଛିଡା ହୋଇଛନ୍ତି ? ' ଯୁବତୀ ଜଣକ ସିଧାସିଧା ଉତ୍ତର ଦେଲେ , ' ସିଏ କିଏ ମୁଁ ଜାଣିନି । ସିଏ ବ୍ଲକ ପଟରୁ ଆସିଲେ । ତାଙ୍କ ବାଇକରୁ ଜଣେ ଭଦ୍ରବ୍ୟକ୍ତି ଓହ୍ଲାଇ ସେହି ମିକ୍ସଚ଼ର ଦୋକାନକୁ ମିକ୍ସଚ଼ର ଆଣିବାକୁ ଯାଇଛନ୍ତି ତ , ତେଣୁ ସିଏ ଏଠାରେ ତାଙ୍କୁ ଅପେକ୍ଷା କରିଛନ୍ତି । ' ସଙ୍ଗେସଙ୍ଗେ ସେହି ବୟସ୍କ ମହିଳା ଜଣକ ରାଗିଯାଇ କହିଉଠିଲେ , ' ହଇ ଲୋ , ତୁ ବେଶୀ ଚ଼ାଲାକ ଦେଖାଉଛୁ , ନାଇଁ । ମୁଁ ଆସିବା ବେଳେ ରାସ୍ତାର ସେପଟରୁ ଅନାଇଛି ଇଏ କେତେବେଳରୁ ଏଠି ଛିଡା ହୋଇଛନ୍ତି । ବେଳେବେଳେ ତୋ ଆଡ ? ଚ଼ାହୁଁଥିବାର ମୁଁ ମୋ ନିଜ ଆଖିରେ ଦେଖିଛି । ତୁ କହୁଛୁ ମୁଁ କିଛି ଜାଣିନି । ହେଉହେଉ , ତୋ ବାପା ଆଉ ଭାଇଙ୍କୁ ଏ ବିଷୟରେ ଟିକିନିଖି ଜଣାଇଲେ ତୁ ଠିକ ବୁଦ୍ଧି ଶିଖିବୁ । ' ସେହି ଯୁବତୀ ଜଣକ ଅବିନାଶ ବାବୁଙ୍କୁ ଜାଣି ନାହାଁନ୍ତି ବୋଲି ଯେତେ ବୁଝାଇଲେ ବି ସେହି ବୟସ୍କ ମହିଳା ଜଣକ ନଛୋଡବନ୍ଧା । ମାତ୍ର ସେହି ବୟସ୍କ ମହିଳା ଜଣକ ସାହସ କରି ଅବିନାଶ ବାବୁଙ୍କୁ କିଛି ପଚ଼ାରୁ ନଥାନ୍ତି ସତ , ମାତ୍ର ମନ ମଧରେ ରାଗ ଗରଗର ହୋଇ କେତେ କ'ଣ ଭାବି ଯାଉଥାନ୍ତି । ଅଥଚ଼ ଅବିନାଶ ବାବୁ ଏଥିରେ ହସ୍ତକ୍ଷେପ ନକରି ସବୁ ଶୁଣି ନିରବ ରହିବା ସହିତ ମନେମନେ ଖୁବ ମଜା ଉଠାଉଥାନ୍ତି ଓ ଫେସବୁକ ଚ଼ଳାଇବା ନାଆଁରେ କିଛି ନ ଶୁଣିବାର ଅଭିନୟ କରୁଥାନ୍ତି । ମାତ୍ର ସେହି ତରୁଣୀ ଜଣକ ସେତେବେଳକୁ କାନ୍ଦକାନ୍ଦ ହୋଇ ଥତମତ ହୋଇପଡ଼ିଥାନ୍ତି । ଆଜିକାଲିର ସମୟ ଯାହା ଅଯଥା କଥାରେ ମୁଣ୍ଡ ପୁରାଇ ସେହି ବୟସ୍କ ମହିଳାଙ୍କୁ ଅବିନାଶ ବାବୁ ଯେତେ ଯାହା ବୁଝାଇଥାନ୍ତେ ତେବେ ସେଥିରୁ ଯେ କିଛି ସୁଫଳ ନିଶ୍ଚିତ ମିଳିଥାନ୍ତା ତାହାର କିଛି ବାସ୍ତବତା ଜଣାପଡୁନଥିଲା ସେତେବେଳେ । ଏହା ମଧରେ ଦୋକାନରୁ ମିକ୍ସଚ଼ର କିଣି ପହଞ୍ଚିଯାଇ ବନ୍ଧୁ ସୁବାସ ବାବୁ କହି ଉଠିଲେ , ' ଦୋକାନରେ ସାମାନ୍ୟ ଭିଡ଼ ଥିବାରୁ ଟିକିଏ ବିଳମ୍ବ ହୋଇଗଲା । ଏଥର ଚ଼ାଲ ଯିବା । ' ଏହା କହି ସୁବାସ ବାବୁ ବାଇକ ଉପରେ ବସିଯିବା କ୍ଷଣି ଅବିନାଶ ବାବୁ ବାଇକ ଷ୍ଟାର୍ଟ କରୁକରୁ ଶେଷଥର ପାଇଁ ସେହି ଅସାମାନ୍ୟ ରୂପସୀ ତରୁଣୀଙ୍କ ଉପରେ ସାମାନ୍ୟ ଦୃଷ୍ଟିପାତ କରିବା ସହିତ ସେହି ବୟସ୍କ ମହିଳାଙ୍କୁ ଚ଼ାହିଁ ସାମାନ୍ୟ ହସ ଟିକିଏ ହସିଦେଇ ବାଇକ ଆଗକୁ ଗଡ଼ାଇଥିଲେ । ଆଉଥରେ ପଛକୁ ଚ଼ାହିଁବାର ଅବକାଶ ନଥିଲା ତାଙ୍କ ପାଖରେ । ତାଛଡା ପଛକୁ ଚ଼ାହିଁଥିଲେ ତାଙ୍କର ଅବା ଅଧିକ କେଉଁ ଲାଭ ମିଳିଥାନ୍ତା ଯେ ?

ବାଇକ ଗଡୁଥିଲା ଆଗକୁ ଆଗକୁ । ବାଟରେ କଥା ପ୍ରସଙ୍ଗରେ ଅବିନାଶ ବାବୁ ସୁବାସ ବାବୁଙ୍କୁ ସେହି ସମୟର ଘଟଣା ସମ୍ପର୍କରେ ସବୁ କହିଥିଲେ । ଦୁଇ ବନ୍ଧୁ ଖୁବ ହସାହସି ହୋଇ ମଜା ଉଠାଉଥିବା ବେଳେ ସୁବାସ ବାବୁ କହିଲେ , ' ତୁ ମନ ଖୋଲି କହିଦେଲୁନି ମୁଁ ସେହି ଝିଅକୁ ଖୁବ ଭଲ ପାଉଛି । ଦେଖିଥାନ୍ତୁ ସେ ମହିଳା ଜଣକ କେମିତି ଡେଇଁଥାନ୍ତା ? ' ଅବିନାଶ ବାବୁ ଏକଥା ଶୁଣି ହସିହସି କହିଲେ , ' ତୋତେ ମଜା ଲାଗୁଛି ତ । ସେଇଥିପାଇଁ ଅତି ସହଜରେ କଥାଟା କହିଦେଉଛୁ । ସେ ଝିଅର ପରବର୍ତ୍ତୀ ଅବସ୍ଥା କ'ଣ ହୋଇଥାନ୍ତା ତୁ କିଛି ବୁଝିପାରୁଛୁ ନା ନାହିଁ । ବରଂ ସେଠାରେ ମୁହଁ ନ ଖୋଲିବା ଖୁବ ବୁଦ୍ଧିମାନର କାମ ବୋଲି ମୁଁ ଭାବୁଛି । '

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩

# ବାର୍ଦ୍ଧକ୍ୟ, ଅସରନ୍ତି ସମୟର ଗନ୍ତାଘର


ପ୍ରଣତି ଆଚ଼ାର୍ଯ୍ୟ ମିଶ୍ର

ଦିନେ ପ୍ରାତଃ ଭ୍ରମଣରେ ଟିକେ ଅଧିକ ଦୂରକୁ ଚ଼ାଲି ଆସି ପହଞ୍ଚିଗଲି ଏକ ଜରାଶ୍ରମ ନିକଟରେ। ସେଠାରେ ଅନେକଲୋକ ରୁଣ୍ଡ ହୋଇଥିଲେ। କଥା କଣ ବୁଝିଲା ବେଳକୁ ଯାଣିଲି ଜନୈକ ବୃଦ୍ଧ ବ୍ୟକ୍ତି କିଛିଦିନ ହେବ ଏଠାକୁ ଆସିଥିଲେ, ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କର ପରିଚ଼ୟ କେହି ଯାଣିନାହାନ୍ତି। ସେ କାହାକୁ କିଛି କହିନାହାନ୍ତି। କେବଳ ଗାମୁଛାରେ କିଛି ବାନ୍ଧି ସେ ଏଠାକୁ ଆସିଥିଲେ। ଜରାଶ୍ରମର ପରିଚ଼ାଳକ ତାଙ୍କ ପରିଚ଼ୟ ଜାଣିବା ପାଇଁ ସେ ଗାମୁଛା ଖୋଲି ଦେଖିଲେ ସେଥିରେ କିଛି ପୁରୁଣା ଫଟୋ ଅଛି, ବୋଧହୁଏ ତାଙ୍କର ପରିବାର ହୋଇଥିବେ। ଆଉ ଖଣ୍ଡିଏ ଲେଖା....

ଆମର ଏଠି ପରିଚ଼ୟରେ ପ୍ରଭୂତ ପରିବର୍ତ୍ତନ । ଆମକୁ ଚ଼ିହ୍ନିବାକୁ, ବୁଝିବାକୁ ଟିକେ ସମୟ ଲାଗେ। ବେଳେ ବେଳେ କେହି ଆମକୁ ଚ଼ିହ୍ନି ନଥିବା ଅଭିନୟ ବି କରନ୍ତି। । ଆମପାଇଁ ଏବେ ବହୁ ବିଧି ବିଶେଷଣର ପ୍ରୟୋଗ । ଏହି ବିଶେଷଣର ପ୍ରାବଲ୍ୟ ହୃଦୟ କୁ ପ୍ରାଣକୁ ବାଧେ। ନିଜକୁ ଧିକ୍କାର କରିବାକୁ ଇଚ୍ଛା ହୁଏ।ହେଲେ, ଏ ଦୁନିଆଁର ରଙ୍ଗମଞ୍ଚରେ, ଅସରା ଏକ ନାଟକ ଅହରହ ଅଭିନୀତ ହେଉଥିବା ସତ୍ୟ । ସଭିଏଁ କଳାକାର । ସେପରି ଏକ କଳାପ୍ରେମୀ କଳାକାର ମୁଁ । ମୋର ଅଭିନୟର ଅବଧି ପର୍ଯ୍ୟନ୍ତ, ଏ ରଙ୍ଗମଞ୍ଚରେ ପଦଚ଼ାଳନା କରିବା ପାଇଁ ମୁଁ ସ୍ୱୀକୃତିପ୍ରାପ୍ତ । ଅଭିନୟରେ ବିଚ୍ୟୁତି ଆଣିବା କିମ୍ବା ତାକୁ ବିକୃତ କରିବା ଅପରାଧ ।ମୁଁ ବାଧ୍ୟ ବାଧକତାର ଶୀକାର। ଋତୁଚ଼କ୍ରର ଅଲଘଂ୍ୟ ଆବର୍ତ୍ତରେ ମୁଁ ଆସିବି ହିଁ ଆସିବି। ସେଇଥିପାଇଁ ତ ମୋ ପାଇଁ ଅନେକ ସମବେଦନା। ମୋର ତିଳେମାତ୍ର ଏଥିରେ ଦୋଷ ନାହିଁ। ଯୌବନ ର ଶେଷ ଭାଗରେ ରଙ୍ଗଲେପର ଚ଼ର୍ମ ଧିରେ ଧିରେ ଧୁଡୁଧୁଡୁ ଲୋଚ଼ାକୋଚ଼ା ହୁଏ ।ମୋର ଏବେ ଉତ୍ତାଳ ଲହରୀମାଳାର ଲାବଣ୍ୟ ଲାଳିତ୍ୟ ନାହିଁ । କୁଳୁକୁଳୁ ଜଳଗୀତି ନାହିଁ । ସାଗର ସଙ୍ଗମ ଭଳି ଦୁର୍ବାର ସଂକଳ୍ପ ବି ନାହିଁ । ଦିଗବ୍ୟାପୀ ଦିଗ୍ ?ବଳୟ ନାହିଁ । ସୀମାହୀନ ଶୂନ୍ୟତା ନାହିଁ । ଘାତ ପ୍ରତିଘାତର ଘମାଘୋଟ ମଉଚ୍ଛବ ନାହିଁ । ନଦୀଟିଏ ହେବା ପାଇଁ ମୋ ଠେଇଁ ନିର୍ଭୀକତା ନାହିଁ । ପ୍ରବାହ ନାହିଁ । ପ୍ରତିପୋଷ ପାଣିର ପ୍ରବାହ ଭିତରେ କ୍ଷଣକ୍ଷଣ ନୂତନତା ନାହିଁ । କେହି କେହି କହନ୍ତି ମୁଁ ପୁରୁଣା ପ୍ରଥା-ପ୍ରହେଳିକାକୁ ଆପଣେଇ ଥିବା ଏକ ନିର୍ବ ?ାଧ ମଣିଷ। ମୁଁ ଏବେ ଅଲୋଡ଼ା। ଅଦରକାରୀ ଅସମର୍ଥ ଲୋକ। ଅତି ପୁରାତନ ଘଷରା ଧ୍ୱଂସପ୍ରାପ୍ତ ଅଥବା ଧ୍ୱଂସପ୍ରାୟ ମୁଁ ନିଖୋଜ ମଣିଷ । ମୁଁ ଏକ ଚ଼ାରିଆଡ ? ହିଡ଼ଥିବା ଏକ ଅବରୁଦ୍ଧ ପୁଷ୍କରିଣୀ । ଯାହାର ଜଳମୟ ସ୍ଥିରତା ହିଁ ଅଯୋଗ୍ୟପଣ ।ସେଥିପାଇଁ କୁତ୍ସା, ଅପମାନ, ଘୃଣାଠାରୁ ଆରମ୍ଭ କରି ଦଣ୍ଡ ପାଇବା ପର୍ଯ୍ୟନ୍ତ ମୁଁ ପ୍ରସ୍ତୁତ । ମୁଁ ଜାଣେ, ମୁଁ ତଳ ବରଡା କିନ୍ତୁ ମୁଁ ଖସିବା ପୂର୍ବରୁ ମୋତେ ମାନସିକ ଅବସାଦଗ୍ରସ୍ତ କରି, ନିମ୍ନଗାମୀ କରେଇବା ନିଷ୍ଠୁରତାର ପରିଚ଼ୟ ନୁହେଁ କି? ଆଜି ମୁଁ ଯେଉଁଠି ଅଛି କାହାପାଇଁ କାଲିର ଭବିଷ୍ୟତ ନହେଉ। ମୋର କିଛି ଆବଶ୍ୟକ ନାହିଁ ।ଲାଳସା ବି ନାହିଁ। କେବଳ ମୋତେ ଏବେ ଟିକେ ସମୟ ଦିଅ , ମୋ ସହ ଦୁଇ ପଦ କଥାହୁଅ,ମୁଁ ଚ଼ାହେଁ ଟିକେ ସଂମ୍ପର୍କ , ସଖା ସହୋଦର । ।ଏସବୁ ତ, ମୋ ପାଇଁ ଅତି ଆଦରର ଆବଶ୍ୟକୀୟ ଔଷଧ । ମୁଁ ମୋ ନିଜ ହାତରେ ତିଆରି କରିଥିବା ଘର ଏବେ ମୋର ନୁହେଁ। ମୁଁ ତୁମ ହାତରେ ଖୁସି ରେ ଟେକି ଦେଇଥାନ୍ତି। ମାଗିକି ଥରେ ଦେଖିଥାନ୍ତ, ନିଜର ହକ୍ କହି ଛଡାଇ ନେଇଛ ।ମୁଁ ଏକ ଅଚ଼ଳ ମୁଦ୍ରାର ମର୍ମଦାହ । ବିଗତଦିନର ଖାଣ୍ଟି ସୁନା ହୋଇଥିଲେବି ଏବେ ବେଙ୍ଗି ପିତଳ ବଦଳାଇବା ପାଇଁବି ଅଯୋଗ୍ୟ। । ମୁଁ ବିରକ୍ତିକର ସଂସ୍କୃତି କୁ ଯାବୁଡି ଧରିଥିବା ନୀତିନିୟମରେ ବନ୍ଧା ଦୂରଦୃଷ୍ଟିହୀନ ମନ୍ଥର ମଣିଷ। ବର୍ତ୍ତମାନ ଅତ୍ୟାଧୁନିକ ଚ଼ଳନିରେ ଏକ ଦୀର୍ଘସ୍ଥାୟୀ ଯୁଦ୍ଧ ଲଢ଼ିଥିବା ସୈନିକର ଅବସ୍ଥା ଏୟା। ତେବେ ଏହି ବେସାହାରା ବାର୍ଦ୍ଧକ୍ୟର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଥରେ ଅନୁଭବ କରିଛ ? ପିତାମହ, ପ୍ରପିତାମହ କହି, ମହାବୃଦ୍ଧର ଆଭୂଷଣରେ ଅଭିଷିକ୍ତ କରିଛ, ହେଲେ ମୁଁ ରକ୍ଷଣଶୀଳ, ଏକ ପ୍ରାଚ଼ୀନ ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ।ଅକ୍ଷମଣୀୟ, ପରିତ୍ୟାଗ ଯୋଗ୍ୟ। ମୋର ବାର୍ଦ୍ଧକ୍ୟ ଉଭୟ ମାୟାସିକ୍ତ ଓ ମାୟାତୀତ । ମୋତେ ତୁମେ ମାୟାମନ୍ତ୍ରିତ ବାର୍ଦ୍ଧକ୍ୟର ଅଭିଯୁକ୍ତ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚ଼ାର୍ଯ୍ୟ । ପିତାମହ ଭୀଷ୍ମ ବିରଳ ବାର୍ଦ୍ଧକ୍ୟ ଭିତରେ ରହି ଶର ଶଯ୍ୟାରେ ଶୟନ କରିବା କ୍ଷମତା ରଖିଥିଲେ। ବୟସ ର ଆସନରେ ବସାଇ ଅତୀତର ଦୀର୍ଘ ଅନୁଭୂତିକୁ ଏବେ ଅନଭିଜ୍ଞ ଆରୋପ କଷ୍ଟ ଦିଏ ଭାରି! ପୃଥିବୀ ବୟସ କେତେ ? ଅକଳନ ବୟସ । ବର୍ଷ, ବର୍ଷ ଧରି ଧରିତ୍ରୀ ଋତୁଋତୁରେ ଚ଼ିରଚ଼ିତ୍ରିତ ରୋମାଞ୍ଚରେ ପରିପୂର୍ଣ୍ଣ ।ସମୁଦ୍ରର ବୟସ କେତେ ? ଅକଳ୍ପନୀୟ ବୟସ । ଅସଂଖ୍ୟ ଜଳାଧାରକୁ ସାଇତି ରଖି ସମର୍ପି ଦେଉଛି ସୁନ୍ଦରତା। ସେହି ମହାବୃଦ୍ଧ ମହୋଦଧି । କୂଳରେ ସେ ଯୌବନ ମୁଖର, , ତୃଷିତ ତାରୁଣ୍ୟ, ଲାଳିତ୍ୟମୟ ।ଆକାଶର ବୟସ କେତେ ? ଅନନ୍ତ କଳାମେଘୀ କବରୀରେ ସେଠି ତାରାଫୁଲ ଫୁଟେ । ଇନ୍ଦ୍ରଧନୁର ସେଠି ମନମତାଣିଆ ମୁଗ୍ଧ ଯୌବନ ଖେଳେ । କିନ୍ତୁ ମୁଁ କଣ ଏମିତି ଯୁଗଯୁଗ କାଳକାଳ ଅବହେଳିତ ଅବସ୍ଥାରେ ଥିବି। ପ୍ରତିଟି ନିଃଶ୍ୱାସପ୍ରଶ୍ୱାସର ବିଶ୍ୱାସଟିଏ ହିଁ ମୋର ଜୀବନର ଅବଧି। ବିଭିନ୍ନ ସମସ୍ୟା ର ଦ୍ୱାହିରେ ଯେତେବେଳେ ଏଠାକୁ ଆସିଲି,ଯାଣିଲି ମୋ ଭଳି ଓ ମୋ ଠାରୁ ଅଧିକ ଅବରୁଦ୍ଧ ମଣିଷ ଏ ଧାଡି ରେ ଠିଆ ହୋଇଛନ୍ତି।

ଅରବିନ୍ଦ ନଗର
ନୟାଗଡ
ମୋ :୯୪୩୭୬୪୨୯୪୭

## ଯାତ୍ରା ଗୀତ

*ମାନସ ରଞ୍ଜନ ମହାପାତ୍ର*



ସରିଗଲାଣି କେବେଠୁ
ସେମାନଙ୍କ ଯାତ୍ରା
ସେମାନେ ଫେରିଆସିଲେଣି
ନିଜନିଜ ଘରକୁ
ହରିମିଶ୍ରେ ଫେରିଆସିଲେଣି
ମିଶ୍ର ସାହି
ମହାପାତ୍ର ଭାସ୍କର ଗନ୍ତାୟତ
ଗୋସାଣୀ ନୂଆ ଗାଁ
ଜେପି ଦାସ୍ ସୂର୍ଯ୍ୟ ନଗର
ଦେବଦାସ ଛୋଟରାୟ
ଆଲାମ ଚ଼ାନ୍ଦ ବଜାର
ବ୍ରଜେନ୍ଦ୍ର ତ୍ରିପାଠୀ ଗ୍ରେଟର ନୋଇଡା
କେଉଁଠିକୁ ଫେରିବି ମୁଁ
କଟକ କି ଲକ୍ଷ୍ନୌ କି ଭଣ୍ଡାରୀପୋଖରୀ
ଉମରକୋଟ କି ଦିଲ୍ଲୀ କି ଶିଲଂ
କି ପୁରୀ ?
କେହି ଡାକୁନାହାନ୍ତି ଫେରିଆସିବାକୁ
ମୁଁ ଅଧା ବାଟରେ ଛିଡ଼ାହୋଇଛି
ଏକୁଟିଆ ଦାରୁଭୂତମୁରାରୀ !
ମୋର କିଛି ସ୍ଥାୟୀ ଠିକଣା ନଥିଲା କାଲି
ନାହିଁ ଆଜି, ଜଣାନାହିଁ ଥିବ କି ନଥିବ
ଆସନ୍ତାକାଲି !!

ମୋ:୯୮୯୧୯୪୬୧୭୮

## ବର୍ଷା: ଅଳ୍ପ ଅଳ୍ପ

*ରତ୍ନକାନ୍ତି ମିଶ୍ର*



(୧)
ଆକାଶ ଛାତିରେ
କଳା ମେଘ ଖଣ୍ଡେ
ମାଖି ହୋଇଥିଲା
ତୁମରି ଦେହର ଛାଇ,
ମୋ ପାଖକୁ ଆସି
ଅଳ୍ପ ଅଳ୍ପ ହସି
କେତେ ସବୁ କଥା
ଚୁପି ଚୁପି ଗଲା କହି।

(୨)
ଝଡି ବରଷାରେ
ଭିଜିବାକୁ ଥରେ
ନିଶି ବିଜନେ
ଝରକା ଦେଇଛି ଖୋଲି,
ତୁମ ଆଢୁଆଳେ
ଯେତେ ସବୁ ଦୁଃଖ
ଲୁହ ହୋଇ ବହେ
କେହି ଦେଖିବେନି ବୋଲି ॥

(୩)
ରୂପସୀ ବରଷା
ବାଟ ଭୁଲି କେବେ
ପାହାଡ ଶିଖରେ
ପାଦ ଥାପି ଦିଏ ,
ଧାରଟିଏ ହୋଇ
ଦିଶେ ଛଳ ଛଳ
ଅବଶ ତନୁ ତା'
ନଇ କୋଳେ ଶୋଇଯାଏ ॥

ଆଳି, କେନ୍ଦ୍ରାପଡା

## ବୋଧହୁଏ...

*ଜଗଦୀଶ ପଣ୍ଡା*



ତୁମେ ସେହି ଶେଷ ଶବ୍ଦ
ଇତିରୁ ଆରମ୍ଭ ପୁଣି ଆରମ୍ଭରେ ଇତି
ଅସମାହିତ ପ୍ରଶ୍ନର ଅବ୍ୟକ୍ତ ଉତ୍ତର,
ଅନୁଭବର ଅନ୍ତଃସ୍ୱର
କିଛି ହାରିଲେ ହତାଶ ତ....
ଜିତିବାରେ ଅସୀମ ଆନନ୍ଦ
ବୋଧହୁଏ....
ତୁମେ ସେହି ଶେଷ ଶବ୍ଦ
ମୋ ଜୀବନର ଶେଷ ରାତିର
ଠିକଣା ବଦଳିବା ପରି ଚ଼ିରସବୁଜ
ଏକ ସୁନ୍ଦର ନୂଆଁ ସକାଳ
ହଁ ତୁମେ କାହା ପାଇଁ
କେମିତି କିନ୍ତୁ ମୋ ପାଇଁ....
କିଛି ପ୍ରାପ୍ତିର ପ୍ରେରଣାର ଉତ୍ସ
ବୋଧହୁଏ....
ତୁମେ ସେହି ଶେଷ ଧାଡି
ମୋ ଅଧା ଲେଖା ଗଳ୍ପର
ମନେ ଉଙ୍କି ମାରୁଥିବା
ସେହି ଅସ୍ପଷ୍ଟ ଅକ୍ଷର
ଯାହା ପ୍ରତିଟି ସମୟେ ମନେ ଉଙ୍କିମାରେ
କିନ୍ତୁ ବାସ୍ତବରେ ଅବର୍ଣ୍ଣନୀୟ
ବୋଧହୁଏ....
ତୁମେ ସେହି ଶେଷ ସ୍ମୃତି
ମୋ ମନର ମାନସ ପଟରେ
ଅନାବନା ଭାବନାରେ ଆସୁଥିବା
ସେହି ଅବାସ୍ତବ ଚ଼ିନ୍ତାଧାରା
ଯାହା ପ୍ରତିଟି ସମୟେ ମନେ ଖେଳେ
କିନ୍ତୁ ବାସ୍ତବରେ ଅକଥନୀୟ

ଅଳାଡିଗାଁ, ଗଂଜାମ

## ଅବସର ଜୁଟେନି

*ଅନସୂୟା ପଣ୍ଡା*



କଥା ଦେଇଥିଲି
ଅବସର ଦେଖି ଫେରି ଆସିବି
ନିଜ ପାଖକୁ
ଅନ୍ୟ ସବୁକୁ ଅଗ୍ରାହ୍ୟ କରି
ହେଲେ ସେମିତି ଅଟକିଗଲି
ପଥର ଉପରେ ଶିଳାଲିପି ହୋଇ।
ପିଠିରେ ପିଠିଏ ଯନ୍ତ୍ରଣାକୁ ବୋହି
କେବେ ଝଡ ତାଣ୍ଡବ ରଚ଼ୁଥିଲା
ଋତୁ ରଙ୍ଗ ବଦଳୋଉଥିଲା
କେବେ ସୁଖର ଶୀତଳ ସ୍ପର୍ଶ
ଭିଜା ଦେହରେ ଶିହରଣ ତୋଳୁଥିଲା
କେବେ ଅନିଚ୍ଛାର ଫୁଲ ଫୁଟି
ବ୍ୟଥିତ ବେଦନାର ସ୍ୱର ତୋଳୁଥିଲା।
ଫେରିବି ଫେରିବି ବୋଲି
ଫେରି ପାରିଲିନି ଜୁଟିଲାନି ଅବସର
ତିଆରିଥିବା ଦୁର୍ଗ ଚ଼ିରି ଆପଣା ଭିତରୁ
ଗୋଟେ ମୋହର କଣ୍ଟା ବାଡ
ଟାଣି ଧରିଲା ହାତକୁ
ନାନାଦି ବାହାନାରେ।
ଏ ସମୟର ଚ଼କ୍ରବ୍ୟୁହରୁ ଫେରିବା
ଏତେ ସହଜ ନୁହେଁ ନିଜ ପାଖକୁ
ଏଠି ମାୟାର ବହଳେ ଅଞ୍ଜନ ମଖା
ପରସ୍ତ ପରସ୍ତ ପ୍ରାପ୍ତିର କୁନ୍ଦ କାମରେ
ମାଜଣା ହୋଇଥାଏ
ତ୍ୟାଗର ଦେହଳୀକୁ।
ଅବସର ନେବି ବୋଲି
ନେଇ ପାରିଲିନି
ଏ ସମ୍ମୋହନର ସୁନେଲି
ରଙ୍ଗବୋଳା ବନଖଣ୍ଡରୁ
ପତ୍ରରେ ବିନ୍ଦୁବିନ୍ଦୁ
କାକର ହେଇ ଜମିଗଲି।
ସତ୍ତାକୁ ଶୁଷ୍କ କରି ନିଜ ଭିତରୁ
ଅବସର ଖୋଜି ପାଇଲିନି
ଫେରିବାକୁ ନିଜ ପାଖକୁ
ନିଜକୁ ସାଉଁଟି ପାରିଲିନି
ବିଛେଇ ହୋଇ ପଡିଥିବା
ମୋ'ର ଭିତରୁ।

ବୁର୍ଲା, ସମ୍ବଲପୁର,
ମୋ:୯୪୩୯୨୧୧୯୭୧

## ତୁମକୁ ପାରିନି ଭୁଲି

*ସୁଦର୍ଶନ ମହାପାତ୍ର*



ଛମଛମ ତୁମ ଧୀର ପଦପାତ
କରିଥିଲା ମୋତେ ନିଦ୍ରା ରହିତ
ରୁଣୁଝୁଣୁ ତୁମ ନୂପୁର ନିକ୍ୱଣ
ଆଣିଥିଲା ହୃଦେ ମୃଦୁ ଶିହରଣ
ପ୍ରୀତିପଣେ ଭିଜୁଥିଲି
ସେଦିନ ବର୍ଷାରେ ତୁମ ସଙ୍ଗ ଲାଭ
ଏଯାଏଁ ପାରିନି ଭୁଲି ॥
ଶୋଷ ଝୁଲେ ମୋର ନିବୁଜ ଓଠରେ
ଭିଜା ବାସ୍ନା ମୋତେ ଆନମନା କରେ
ମେଘ ମହ୍ଲାର ର ଅପୂର୍ବ ରାଗିଣୀ
ଖୋଜିହୁଏ ଏବେ ମନ ଅଗଣାରେ
ସ୍ମୃତିର ଦରଜା ଖୋଲି
ଶେଷ ଶ୍ରାବଣର ଚ଼ାତକ ପକ୍ଷୀ ମୁଁ
ତୁମକୁ ପାରିନି ଭୁଲି ॥
କହିବାର ଥିଲା କେତେ ସବୁ କଥା
ବୁକୁରେ ସାଇତା ଯେତେ ସବୁ ବ୍ୟଥା
ତୁମେ ଆସିଗଲେ ମୋ ଆଖିର ଲୁହ
ଲୁଚ଼ି ଯାଇଥାନ୍ତା ତୁମରି ପଣତେ
କେହି ଦେଖିବେନି ବୋଲି
ମଉସୁମୀ ଆସି ଫେରିଗଲା ସିନା
ପ୍ରତୀକ୍ଷିତ ରହିଗଲି ॥

କୁଞ୍ଜବିହାରୀ ଲେନ, କଟକ
ମୋ : ୯୪୩୮୧୭୫୫୪୨

## ଉଦାସୀନ ପ୍ରହର

*ସୁଧାକର ରାଉତ*



ବୁଦ୍ ବୁଦ୍ ପରାୟେ ଜୀବନ ତୋହର
ଦେଖାଉ କାହିଁ ବଡିମା
ସଂଗୁପ୍ତ ରଖିଣ ନିଜ କତ କର୍ମ
ବଖାଣୁ ନିଜ ମହିମା ।
ବିଶ୍ୱାସର ଖୋଳପା ଭିତରେ ରଖି
ଅବିଶ୍ୱାସର କୃପାଣ
ଅହିଂସା ର ବାର୍ତ୍ତା ପ୍ରଚ଼ାରିବା ବେଳେ
ଦିଏନି ହୃଦ କଷଣ ?
ଯେତେ ସଚ଼େତନ କରାଇଲେ ତୋତେ
ତୁବାଏ କାହିଁ ଆସକ୍ତି
ପୁରାତନ ବ୍ୟଥା ମ୍ଳାନ ନ ହେଉଣୁ
ଦେଖାଉ ପୁଣି ଦୁଶକ୍ତି ।
ସବୁ ହରାଇବା ପରେ ତୁ ଚ଼ିତ୍କାରି
ଅହମିକାର ପ୍ରଚ଼ାର
ମର୍ମାନ୍ତିକ କଳୁଷ ପଙ୍କ ଘାଣ୍ଟିଣ
ପାଇବୁକି ତୁ ଉଦ୍ଧାର ।
ପଥ ଭ୍ରଷ୍ଟ ହୋଇ ବିବଶତା ବେଳେ
ତୋର କାକୁସ୍ଥ ମିନତି
ବିଚ଼ିତ୍ର ମନ ତୋ ପାଶୋରଇ କ୍ଷଣେ
ପୁଣି ହୁଏ ଅଧୋ ଗତି ।
ତୋର ଅଜ୍ଞାତରେ ଜୀବନ ତୋ ପାଇଁ
ଲେଖେ ମରଣ କବିତା
ତୁ ପାପ କର୍ମରେ ହୋଇ ଅନ୍ତସତ୍ତ୍ୱା
ଜଳାଉ ଶୂନ୍ୟ ସଳିତା ।
ଅନ୍ଧାର ତୋ ସ୍ଥିତି ଦେଖି ପାଏ ଭୀତି
ଗାଏ ନା ତୋର ପ୍ରଶସ୍ତି
ତଥାପି ଅଳିକ ଆଲୋକ ସପନେ
ଲଭୁ କ୍ଷଣିକ ଆଶ୍ୱସ୍ତି ।

ପ୍ରତାପ ନଗରୀ, କଟକ
ମୋ -୮୨୪୯୯୩୨୭୯୨

## କହିଲେ କହିବ କହୁଛି....

*ଅଧାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର*



ଓଡିଆ ଭାଷା ସୁରକ୍ଷା ମଞ୍ଚ ଯିଏ ପ୍ରଧାନ ନାୟକ ସାଜିଛି,
ତା'ଘରେ ଯାଇ ଦେଖ ମମି ଡାଡି ଡାକେ
ଘର ତା ଉଠୁଛି ପଡୁଛି।
ମୁଁ ଯାକୁ ହିଁ ବିରୋଧ କରୁଛି, କହିଲେ କହିବ କହୁଛି ॥
ପଇସା ପାଇଁ କି ବିଏ ପଢ଼ି ପୁଅ ସୁରାଟେ ଦାଦନ ଖଟୁଛି,
ଧରମ ପାଳକ ରାଜନେତା ଏଠି ଗରମ ଶାସନ କରୁଛି।
ଦେଖୁଲେ ଆତ୍ମା କାନ୍ଦୁଛି, କହିଲେ କହିବ କହୁଛି ॥
ସଡକ ସୁରକ୍ଷା ଜୀବନ ରକ୍ଷା ପାଇଁ ଯେ ନିୟମ ହେଉଛି,
ଧର୍ଷଣ ଭୟେ ନାରୀଟି ଏଠି ନିଜ ଗାଁ ଛକ ଯିବାକୁ ଡରୁଛି।
କହିଲେ କହିବ କହୁଛି, କହିଲେ କହିବ କହୁଛି ॥
ପୁଅ ପଢା ପାଇଁ ବାପଟା ଖରଚ଼ ଲକ୍ଷଲକ୍ଷ ଟଙ୍କା କରୁଛି,
ସୁନ୍ଦରୀ ପାଇଲେ ସେଇ ବାପାଟାକୁ ପୁଅ ଛାଡି ଚ଼ାଲିଯାଉଛି।
ମାନବିକତା ଆଜି ମରିଛି, କହିଲେ କହିବ କହୁଛି।
ମନ୍ଦିର ଭିତର ପଥରରେ ଆଜି ମଣିଷ ଦେବତା ଖୋଜୁଛି,
ଘରର ଚ଼ଳନ୍ତା ଠାକୁର ମା ' ବାପା ବୃଦ୍ଧାଶ୍ରମେ ବନ୍ଧା ପଡିଛି।
ଦେଖୁଲେ ଦୟା ଲାଗୁଛି, କହିଲେ କହିବ କହୁଛି ॥
ସବୁତ କାଳିଆ ଦେଖୁଛି, ବସିକି ହିସାବ କରୁଛି
ଯା'ପାଇଁ ଯେପରି, ତା' ପାଇଁ ସେପରି, ମନ ଜାଣି ଫଳ ଦେଉଛି,
ପାପୀକୁ ବିନାଶ କରୁଛି, କହିଲେ କହିବ କହୁଛି ॥

ସମ୍ବଲପୁର

# ବ୍ୟବଧାନ


ଶିବମ୍ ପଟ୍ଟନାୟକ

ସେଦିନ ଗୁରୁଦିବସ ଅବସର ରେ ଜିଲ୍ଲା ସାଂସ୍କୃତିକ ପରିଷଦ ତରଫରୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାକୁ ନିମନ୍ତ୍ରଣ ଆସିଥିଲା ପଣ୍ଡିତ ସଦାଶିବ ମିଶ୍ର ଙ୍କୁ ।

ଦୀର୍ଘ ପଇଁତିରିଶ ବର୍ଷ କାଳ ସଂସ୍କୃତ ଶିକ୍ଷକ ଭାବରେ ଶିକ୍ଷାଦାନ କରି ଦଶ ବର୍ଷ ହେବ ସେ ଅବସର ଗ୍ରହଣ କରିଛନ୍ତି । ନିଜ ଚ଼ାକିରୀ ସମୟରେ ଜଣେ ଉଚ୍ଚ କୋଟୀର, ସୁଦକ୍ଷ ଶିକ୍ଷକ ଭାବରେ ଜିଲ୍ଲା ବହୁ ସୁନାମ ଅର୍ଜନ କରିଥିଲେ କ୍ଷ ସେଥିପାଇଁ ସେ ରାଷ୍ଟ୍ରପତି ଙ୍କ ପୁରସ୍କାର ଦ୍ୱାରା ସମ୍ମାନିତ ମଧ ହୋଇଥିଲେ । ସଂସ୍କୃତ ବ୍ୟତୀତ ସାହିତ୍ୟ, ଗଣିତ, ବାସ୍ତୁ ଶାସ୍ତ୍ର ଏବଂ ଭୂଗୋଳ ରେ ମଧ ଥିଲା ତାଙ୍କର ଅକାଟ୍ୟ ବ୍ୟୁତ୍ପତ୍ତି । ତେବେ ନିଜର ଏତେ ଦୀର୍ଘ ବର୍ଷ ର ଶିକ୍ଷକତା ଜୀବନ ମଧ୍ୟରେ ସେ କେତେ ଯେ ଛାତ୍ର ମାନଙ୍କୁ ମଣିଷ କରି ଗଢି ତୋଳିଥିଲେ ତାର ହିସାବ ନାହିଁ । ଶିକ୍ଷକ ବ୍ୟତୀତ ଜଣେ ଉଦାର ହୃଦୟ ବ୍ୟକ୍ତି ଆଉ ଶାସ୍ତ୍ରଜ୍ଞ ପଣ୍ଡିତ ଭାବରେ ସେ ବେଶ୍ ଜଣାଶୁଣା ଥିଲେ ।ଅବସର ପରେ ମଧ ପ୍ରତି ରବିବାର ଦିନ ଯାଇ ନିଜ ଅଞ୍ଚଳର ହାଇସ୍କୁଲ ପିଲାମାନଙ୍କୁ ଟ୍ୟୁସନ୍ କରିବା ଥିଲା ତାଙ୍କର ଅଭ୍ୟାସ କ୍ଷ ଏଥିପାଇଁ ତାଙ୍କୁ ଛାତ୍ର ଓ ଅଭିଭାବକ ମାନଙ୍କ ଠାରୁ ତାଙ୍କୁ ବହୁତ୍ ଭଲପାଇବା ମିଳେ । ସୁନ୍ଦର କବିତା ପାଠ କରିପାରୁଥିବାରୁ ଆଉ ଭଲ ବକ୍ତୃତା ଦେଇ ପାରୁଥିବାରୁ ତାଙ୍କୁ ବିଭିନ୍ନ ସଭା ସମିତି ଆଉ ସାହିତ୍ୟ ଅନୁଷ୍ଠାନ ତରଫରୁ ନିମନ୍ତ୍ରଣ ଆସେ । ସଂସ୍କୃତରେ ସୁନ୍ଦର ଭାବରେ ଶ୍ଳୋକ ଆବୃତ୍ତି କରିପାରୁଥିବାରୁ ପଣ୍ଡିତ ସାର୍ ଭାବରେ ତାଙ୍କର ନାଁ ଡାକ । ସେଦିନ ଜିଲ୍ଲା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁଦିବସ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯାଇ ପହଞ୍ଚିଲା ପରେ ସମ୍ପାଦକ ବଡ଼ ଆଦରରେ ତାଙ୍କୁ ପାଛୋଟି ନେଇଥିଲେ ମଞ୍ଚ ପାଖକୁ । ତା ପରେ ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ଙ୍କ ଠାରୁ ମାନପତ୍ର ଆଉ ଫୁଲତୋଡା ନେଇ ମଞ୍ଚରୁ ମଞ୍ଚରୁ ଓଲ୍ହାଇବା ବେଳେ ତାଙ୍କ ସମ୍ମୁଖରେ ଆସି ଠିଆ ହୋଇଥିଲେ ପାଖାପାଖି ଚ଼ାଳିଶ ବର୍ଷ ବୟସ ର ଜଣେ ବ୍ୟକ୍ତି । ପାଦ ଧୂଳି ନେଇସାରି ପଚ଼ାରିଲେ, ସାର୍ ଚ଼ିହ୍ନି ପାରୁଛନ୍ତି ? ମୁଁ ନରେନ୍ଦ୍ର । ୧୯୮୬ ମସିହା ବ୍ୟାଚ୍ । ଶ୍ରେଣୀରେ ପ୍ରଥମ ହେଉଥିଲି କ୍ଷ ମିଶ୍ରେ ଚ଼ାହିଁଲେ । ତାଙ୍କର ହାଲକା ହାଲକା ମନେ ପଡିଗଲା । ଚ଼ାକିରୀ ର ପ୍ରଥମ ଦଶବର୍ଷ ସେ ଯେଉଁ ହାଇସ୍କୁଲ ରେ ଯୋଗ ଦେଇଥିଲେ ନରେନ୍ଦ୍ର ସେହି ସ୍କୁଲ ର ଛାତ୍ର ଥିଲା । ଭାରି ମେଧାବୀ । ନିଜ ଶିକ୍ଷକ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ପାଠ ପଢ଼ାଇଥିବା ପିଲାମାନେ ଦେଖାହେଲେ ମିଶ୍ରେ ଙ୍କୁ ଭାରି ଖୁସି ଲାଗିଥାଏ । ସେମାନେ ଆଜିକାଲି ର ଅଧିକାଂଶ ପିଲାମାନଙ୍କ ପରି ଉଦ୍ଧତ ନୁହଁନ୍ତି । ଯୋଉଠି ବି ଦେଖାହେଲେ ପାଦଧୂଳି ନିଅନ୍ତି । ଭଲମନ୍ଦ ପଚ଼ାରି ବୁଝିଥାନ୍ତି । ଖୁବ୍ ଭକ୍ତି କରନ୍ତି । ସଭା ସ୍ଥଳ ରୁ ନିଜ ସ୍କୁଟର ରେ ଫେରିଲା ସମୟରେ ଛକ ପାଖରେ ଏକ ଦୋକାନରେ ଚ଼ାହା ପିଇବା ଯିବାକୁ ଉଦ୍ୟତ ହୁଅନ୍ତେ ପଛପଟରୁ ମଟର ସାଇକେଲ ର ହର୍ନ ଶୁଣିବାକୁ ପାଇଲେ । କେହି ଜଣେ ଲଗାତାର କର୍କଶ ସ୍ୱର ରେ ହର୍ନ ବଜାଇ ଚ଼ାଲିଛି । ଟିକେ ଆଗକୁ ଯାଇ ଗାଡ଼ି ରାସ୍ତାର ଗୋଟେ ପାଖରେ ରଖି ଦେଇ ପଛକୁ ଚ଼ାହିଁଲେ । ଏ କଣ ! ଏ ତ ରାକେଶ, ଶକ୍ତି, ସ୍ୱାଗତ ଏ ମାନେ ସବୁ ।ଏ ପିଲା ମାନେ ତ ମୋ ପାଖକୁ ଟିୟୁସନ ପଢିବାକୁ ଆସନ୍ତି । ମୋ ସ୍କୁଟର ଜାଣିବି ଏମାନେ ସେତେବେଳେ ଠାରୁ ଅନବରତ ହର୍ନ ମାରି ଚ଼ାଲିଛନ୍ତି । ମାତ୍ର ସେ ପିଲାମାନଙ୍କ ଉପରେ ବିରକ୍ତ ନ ହୋଇ ମିଶ୍ରେ ଚ଼ାଲିଗଲେ ଆଗକୁ ।କାରଣ ଇତି ମଧ୍ୟରେ ସେ ଦେଖି ପାରିଥିଲେ ନିଜ ହାତରେ ଗଢ଼ିତୋଳିଥିବା ପିଢ଼ି ମାନଙ୍କ ମଧ୍ୟରେ ଥିବା ବ୍ୟବଧାନ କୁ ।

କଳନ୍ତିରା, ବିରିଡି, ଜଗତସିଂହପୁର
ମୋ:୯୦୭୮୨୦୫୭୭୭




# ଭ୍ରମଣ ସାହିତ୍ୟର ଜନକ: ରହୁଲ ସାଂକୃତ୍ୟାୟନ



ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର। ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇ ଥାଏ। ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ। ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇ ଥାଏ। ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ। ତିବ୍ବତଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ। ଏହାଛଡ଼ା ସେ ମଧ ଏସିଆ ମଧ୍ୟ ଭ୍ରମଣ କରିଥିଲେ। ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ। ସେହିସବୁ ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି। ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି। ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ। ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ। ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ।



**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com

# ବିଷ ବଳୟରେ ୯୦% ଭାରତୀୟ

## —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ୍ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋଗ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ୍ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜରର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

# ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସହରରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ଏକ ବୈଠକ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତ ମାନର ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ତ୍ରୁଟି ବିଚ୍ୟୁତି ରହୁଥିବା ହେତୁ ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଏକ ତିନିଜଣିଆ କମିଟି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବାସ୍ତବ ଚିତ୍ର ସାମ୍ନାକୁ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷର ପରିଚୟ ପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୧୬ ତାରିଖରେ ସାଧାରଣ ସଭା କରାଯିବା ପାଇଁ ସ୍ଥିର ହୋଇଥିଲା। ସୁସ୍ଥ ସାମାଜିକ ଜୀବନଯାପନରେ ବ୍ରତୀ ଥିବା ଆଦର୍ଶ ପରିବାରକୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂପାଦକ ରାମଶଙ୍କର ସୂଚନା ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷା କନକଲତା ମହାନ୍ତି ତଥା ସମସ୍ତ ୱାର୍ଡର କାଉନସିଲରଙ୍କୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସହ-ସଂପାଦକ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ



ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ। ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । -ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଏହି କ୍ରାନ୍ତିକାରୀ ଶିକ୍ଷକ ନେତା ୧୯୩୦ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ସେ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳ ସ୍ୱରୂପ ସେ ଅନେକ ଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ ।



ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ,ଉଚ୍ଚକୋଟୀର ବାଗ୍ମୀ,ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକ ମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ,ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା। ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତି ନିମନ୍ତେ ଉତ୍ସର୍ଗ କରିଥିଲେ ।

ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସଂମ୍ପାଦକ,ଜିଲ୍ଲା ସଂମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ-ସଭାପତି ଓ ୧୯୯୦ ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅନୁଦାନ ଓ ଚାକିରୀ ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ,ଅଧ୍ୟାପକ ମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା-ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏକଥା ଯେ କେହି ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଦାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠର ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ । ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ । ଏବେବି ସଅଁରା ହାଇସ୍କୁଲ,ବଟମଙ୍ଗଳା ହାଇସ୍କୁଲ ମୁକସାକ୍ଷୀ ରୂପେ ତାଙ୍କର ଗୁଣଗାନ କରି ଦଣ୍ଡାୟମାନ ।

ଜଣେ ସୁବକ୍ତା ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ ଅର୍ଜୁନ ଦାଶ। ଅନ୍ୟ ବକ୍ତାମାନଙ୍କ ପରି ସେ ଆଳଙ୍କରିକ ଶବ୍ଦ ସମୂହ ବ୍ୟବହାର କରୁନଥିଲେ। ଖୁବ ଛୋଟ ଛୋଟ ଶବ୍ଦ, ଗାଉଁଲି ଲୋକକଥା, ନିତି ଦିନିଆ ଘଟଣା ଓ ଅନୁଭୂତିକୁ ନେଇ ସେ ଯେଉଁ ବକ୍ତବ୍ୟ ରଖୁଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁପାରୁଥିଲା। "ସବୁ ସେହି ଗାତର ଦୋଷ", ସଭାରେ ସଭାପତି କିଏ? ବା-ପା ପ୍ରସଙ୍ଗ ତାଙ୍କ ଭାଷଣରେ ଯେତିକି ରୋଚକ ହୋଇଥାଏ, ଶିକ୍ଷକ ଅଧ୍ୟାପକ ମାନଙ୍କୁ ଆନ୍ଦୋଳନ ପାଇଁ ସେତିକି ପ୍ରେରଣା ଦେଇଥାଏ। ଖାଲି ସେତିକି ନୁହେଁ, ତାଙ୍କ କଟାକ୍ଷ ଓ ଶାଣିତ ଭାଷଣରେ ସରକାରୀ ଦଳ ଓ କଳକୁ ସମାଲୋଚନା କରିବାରେ ସେ ଧୂରୀଣ ଥିଲେ। ବହୁ ରକ୍ତକ୍ଷୟୀ ଶିକ୍ଷକ ଆନ୍ଦୋଳନର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ମହାନାୟକ। କୌଣସି ପରିସ୍ଥିତିରେ ସେ ସରକାରୀ ଚାପ ଆଗରେ ମୁଣ୍ଡ ନୁଆଉଁନଥିଲେ। ଏହାହିଁ ଥିଲା ଏହି ଦୃଢମନା ଶିକ୍ଷକ ନେତାଙ୍କର ବିଶେଷତ୍ୱ। ଆଜିର ଦୁନିଆରେ ଅର୍ଜୁନ ଦାଶଙ୍କପରି ଶିକ୍ଷକ ନେତା ବିରଳ। ଏବେ ନେତା ଅଛନ୍ତି, କିନ୍ତୁ ସେଭଳି ନେତୃତ୍ୱ ନାହିଁ । ବର୍ତ୍ତମାନର ଶିକ୍ଷକ ନେତା ଓ ଶିକ୍ଷକ ସମାଜ ଏ କଥାକୁ ହୃଦୟଙ୍ଗମ କରିପାରିଲେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯିବ ଏଥିରେ ସନ୍ଦେହ ନାହିଁ।

**ହିମାଂଶୁଶେଖର ଆଚାର୍ଯ୍ୟ**, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨

# ଖୋରଧା ପୌର ପରିଷଦ ସଭା ଗୃହର ମର୍ଯ୍ୟାଦା ହାନି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ଖୋର୍ଦ୍ଧା (ପିଏନ୍)- ଖୋରଧା ପୌରପରିଷଦକୁ ନବ ନିର୍ବାଚିତ ହୋଇ ଆସିଥିବା ଅଧକ୍ଷା ଓ କାଉନସିଲମାନଙ୍କୁ ନିର୍ବାଚିତ ପ୍ରମାଣ ପତ୍ର ପ୍ରଦାନ କରିବା ନିମନ୍ତେ ପୌର ପରିଷଦ ତରଫରୁ ଡ଼କା ଯାଇଥିଲା। ଖୋରଧା ଉପଜିଲ୍ଲାପାଳ ତଥା ପୌର ପରିଷଦର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପ୍ରଦାନ କରାଯିବା ପରେ ଉକ୍ତ ସଭା ଗୃହରେ ପୌରାଧକ୍ଷଙ୍କ ପାଖରେ ବିଜୁ ଜନତା ଦଳର ଦୁଇଜଣ ମହିଳା କର୍ମୀ ବସି ନବ ନିର୍ବାଚିତ କାଉନସିଲରମାନଙ୍କ ଉଦେଶ୍ୟରେ କହିଥିଲେ ଯେ, ବିଜେପି ଓ ସ୍ୱାଧୀନ କାଉନସିଲରମାନେ ପୌରାଧକ୍ଷଙ୍କ କୌଣସି କାର୍ଯ୍ୟକୁ ବିରୋଧ ନ କରିବା ପାଇଁ ପ୍ରବର୍ତାଇଥିଲେ। ବିରୋଧ କଲେ ସେମାନଙ୍କ ୱାର୍ଡ଼ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯିବ ନାହିଁ। ଏହି ଘଟଣାଟିକୁ ଖୋରଧା ବିଜେପି ତରଫରୁ ତୃଢ ପ୍ରତିବାଦ ଜଣାଇବା ସହିତ କେଉଁ ପରିସ୍ଥିତିରେ ବିଜୁ ଜନତା ଦଳର ମହିଳା ନେତ୍ରୀ ଓ କର୍ମୀମାନଙ୍କୁ ପୌର ପରିଷଦର ସଭା ଗୃହରେ ବସି ଭାଷଣ ଦେବା ଓ ରାଜନୈତିକ ବୈଠକ କରିବାକୁ ସୁଯୋଗ ଦିଆଯାଇ ସଭା ଗୃହରେ ପବିତ୍ରତା ଓ ମର୍ଯ୍ୟାଦା ହାନି କରାଗଲା। ପୌର ପରିଷଦର ନିର୍ବାହୀ ଅଧିକାରୀ କାହିଁକି ଏହି ସବୁ କାର୍ଯ୍ୟକୁ ବାରଣ କଲେ ନାହିଁ। ଏ ସମ୍ପର୍କରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋରଧା ଜିଲ୍ଲା ବିଜେପି ସଭାପତି ରଶ୍ମୀ ରଂଜନ ମହାପାତ୍ର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋରଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି।

# ହରଡାପୁଟ ସରକାରୀ ବାଳିକା ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବଦଳି ଦାବି

ଜୟପୁର,(ପି.ଏନ): ଜୟପୁର ବ୍ଲକ ହରଡାପୁଟ ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ହେଷ୍ଟଲରେ ଥିବା ଛାତ୍ରୀଙ୍କ ମୃତ୍ୟୁ କୁ ନେଇ ଗ୍ରାମବାସୀ ମାନେ ଉଦବେଗ ପ୍ରକାଶ କରିଛନ୍ତି । ଏନେଇ ଆଜି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ବିଦ୍ୟାଳୟର ସମସ୍ତ କର୍ମଚାରିଙ୍କୁ ବଦଳି କରିବାକୁ ଦାବି ହୋଇଛି । ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଗ୍ରାମବାସିମାନେ ଏକତ୍ରିତ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଗତ ୧୧ ତାରିଖରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ଗାଦବା ଙ୍କ ମୃତ୍ୟୁ ହୋଇଥିଲା । ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଛାତ୍ରୀଙ୍କ ମୃତ୍ୟୁ ହୋଇ ଥିଲା । ତେଣୁ ଏହି ବିଦ୍ୟାଳୟର କାଯ୍ୟରତ ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ବଦଳି କରାଯାଉ । ଏହି ବିଦ୍ୟାଳୟରରେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ ବର୍ଷ ଧରି ଏଠାରେ ରହି ଛାତ୍ରୀ ମାନଙ୍କୁ ନିଜ ଇଛା ମୁତାବକ ଖାଦ୍ୟପେୟ ଦେବା ସହିତ ଗ୍ରାମବାସୀ ଏବଂ ଛାତ୍ରୀ ମାନଙ୍କ ପରିବାର ବର୍ଗଙ୍କ କଥାକୁ କର୍ଣ୍ଣପାତ କରୁ ନାହଁନ୍ତି । ଜଣେ ଛାତ୍ରୀ ଏଠାରେ ମୃତ୍ୟୁ ବରଣ କରିବା ପରେ ଏଠାରେ ଠିକ ପରିଚାଳନା ହେଉ ନଥିବା ଜାଣି ପରିବାର ବର୍ଗ ନିଜ ନିଜ କନ୍ୟାକୁ ଗୃହ କୁ ନେଉ ଯାଉଛନ୍ତି । ତେଣୁ ଆସନ୍ତା ୨୦ ଦିନ ଭିତରେ ବିଦ୍ୟାଳୟର ସମସ୍ତ କର୍ମଚାରିଙ୍କ ସହ ଚିକିତ୍ସା କରିଥିବା ଡାକ୍ତର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ରାସ୍ତା ଅବରୋଧ କରିବା ସହ ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଘେରାଉ କରିବାକୁ ହରି ରାଓ,ଅମତା କଚେପ ଦିଲପ ତନା, ତିରୁପତି ପେଣ୍ଟିଆ, ହରି ଚାଲାଣ, କିଶୋର ତାରା, ଲକ୍ଷ୍ମ ଭୁମିଆ ପ୍ରମୁଖ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ସମୂହ ଆନ୍ଦୋଳନ, ଦାବି ପୂରଣ ନ ହେଲେ ବ୍ୟାଙ୍କ ବନ୍ଦ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତାମାନଙ୍କର ଏକ ଜରୁରୀ କାଳିନ ବୈଠକ ଅନୁଷଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ଅଦ୍ଧ୍ୱାନ ସଧାରଣ ସମ୍ପାଦକ ଅମିତ କୁମାର ସାମନ୍ତରାଙ୍କ ନେତୃତ୍ୱରେ ବିଭିନ୍ନ ପ୍ରଶଙ୍ଗରେ ଆଲୋଚନା ହୋଇଥିଲା । ରାଜ୍ୟର ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମଚାରୀମାନେ ବିଭିନ୍ନ ଦାବି କୁନେଇ ରାଜ୍ୟସରକାରଙ୍କୁ ଜଣାଇଥିଲେ ହେଲେ ତାହା ପୁରଣ ହୋଇନାହିଁ । ଏଥିପାଇଁ ଅଲ ଓଡିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଡାକରା କ୍ରମେ ଆସନ୍ତା ସେପଟେମ୍ବର ୨୨ ତାରିଖରୁ ସମୂହ ଛୁଟି ନେବା ପାଇଁ ନିଷ୍ପତି ନିଆଯାଇଛି । ଅନ୍ୟ ପକ୍ଷରେ ସଂଘ କରିଥିବା ଦାବି ପୁରଣ ନ ହେଲେ ଆସନ୍ତା ସେପଟେମ୍ବର ମାସ ୨୫ ତାରିଖରୁ ୨୭ ତାରିଖ ପର୍ଯନ୍ତ ବଲାଙ୍ଗିର ଜିଲ୍ଲା ସମବାୟ ବ୍ୟାଙ୍କ କାର୍ମଚାରୀମାନେ ଧର୍ମଘଟ ଡାକାରା ଦେଇଛନ୍ତି । ୭ମ ବେତନ କମିଶନର ବକେୟା ଦରମା ପ୍ରଦାନ, ପ୍ୟାନସନ କର୍ପସ ଫଣ୍ଡ ଗଠନ କରିବା, କେଡର ଫଣ୍ଡକୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶ ଧନ ପ୍ରାଦନ ଉପରେ ପୁନଃ ବିଚାର କରିବା, ପ୍ରାଥମିକ ସେବାସମବାୟ ସମିତିମାନଙ୍କର ଫ୍ଲେକସି ଆକାଉଣ୍ଟ ରାଜ୍ୟ ସମବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର କରିବା ଆଦି ଦାବି ନେଇ ସଂଘ ପକ୍ଷରୁ ବହୁବାର ବିଭାଗିୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଶଣ କରାଯାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇ ବାକୁ ନିଷ୍ପତି ନେଇଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prayyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ-୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମୟରେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**

ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ



କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟପ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି



କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।

ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ୍‌ରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।



# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଡ଼ାଙ୍ଗରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୂହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍ ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କ୍ୱାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Sunday September 24, 2023 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜୈବ କୃଷି ଓ ଜୈବ ରସାୟନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ




ଥୁଆମୂଳ ରାମପୁର, (ପି.ଏନ): ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ, ଥୁଆମଳରାମପୁର,/ତାଳଚେର ଏବଂ ଫାର୍ମ ଅନୁଷ୍ଠାନ ତରଫରୁ ଥୁଆମୂଳରାମପୁର ବ୍ଲକ୍ ଅଧୀନସ୍ଥ କିଆପଦର୍ ପଞ୍ଚାୟତ ଅନ୍ତର୍ଗତ ସାପମୁଣ୍ଡି ଗ୍ରାମରେ ଅଗ୍ରଣୀ ଚାଷୀ ମାନଙ୍କୁ ନେଇ ଦକ୍ଷତାବୃଦ୍ଧି ନିମନ୍ତେ ଜୈବିକକୃଷି ଓ ଜୈବ ରସାୟନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଫାର୍ମ ଅନୁଷ୍ଠାନର ସମ୍ପାଦକ ପ୍ରଭାତ କୁମାର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ମଧ୍ୟରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନୁଷ୍ଠାନର ଗୋଷ୍ଠି ସାଧନ ବ୍ୟକ୍ତି ସାନୁଜ କୁମାର୍ ନାୟକ ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଜୈବିକଚାଷ ର ଆବଶ୍ୟକତା,ତରଳ ଖତସାର, ହାଣ୍ଡିଖତ, ପଞ୍ଚଗବ୍ୟ ଆଦି କୁ ବିନିଯୋଗ କରି କିପରି ଜୈବିକ ଚାଷ ମାଧ୍ୟମରେ କିପରି ସୁସ୍ୱାଦୁ ପନିପରିବା ଉତ୍ପାଦନ କରିବା ସହିତ ଆର୍ଥିକ ରୋଜଗାର କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜେ କିପରି ନୈନ୍ଦିନ ଜୀବନରେ ବ୍ୟବହାର କରିପାରିବା ଓ ନିରୋଗ ରହିବା ଉପରେ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ସାଧନବ୍ୟକ୍ତି ହେବେ ଇସ୍ମିତାରାଣୀ ସାହୁ ଯୋଗଦାନ୍ କରି ଜିଆଖତ,ଜୈବିକ ସାର,ତରଳ ଖତସାର , ନିମ୍ବ ପିଡ଼ିଆ, ବ୍ୟବହାର କରି ଜଣେ ଚାଷୀ କିପରି ଲାଭବାନ ସହିତ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଏସ.ଡି.ଏଫ୍ ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ଅଧିକାରୀ ମହାଦେବ ଦାସ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିବା ସହିତ ନିଜ ରୋଷେଇଘର ରୁ ବାହାରୁଥିବା ପନିପରିବା ଚୋପା ମାଧ୍ୟମ କିପରି ଜୈବିକଖତ ପ୍ରସ୍ତୁତି କରାଯାଇପାରିବ ଏବଂ ମାଆମାନେ ସଫଳ ଔଦାଗୀବିକାଶ କ୍ଷେତ୍ରରେ ସାମିଲ୍ ହେବା ସହ ନିଜର ଆର୍ଥିକ ବିକାଶ ଦିଗରେ ଗୁରୁତ୍ୱ ପ୍ରତିପାଦନ କରି ପାରିବେ ସେ ଉପରେ ଚାଷୀ ଙ୍କୁ ବୁଝାଇଥିଲେ ।ଉପସ୍ଥିତ ଥିବା ମହିଳା ମାନଙ୍କୁ ଏବଂ ତାଲିମ୍ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫ ଜଣ ଚାଷୀ ଭାଗ ନେଇଥିଲେ । ପରିଶେଷରେ ପଦ୍ମାଳୟା ବିଶିମାଝି ଧନ୍ୟବାଦ ଦେଇଥିଲେ ଜୈବିକ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଉଥିବା ସଂସ୍ଥାକୁ ଗ୍ରାମବାସୀ ପ୍ରଶଂସା କରିଥିଲେ ।

# ଜଣେ କର୍ମଚାରୀରେ ଚାଲିଛି ଜେନାପୁର ଡାକଘର

ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଅଧିନରେ ଥିବା ମୁଖ୍ୟ ଡାକଘରଟି ଜଣେ କର୍ମଚାରୀରେ କାର୍ଯ୍ୟାଳୟ ଚାଲୁଥିବାର ଦେଖିବାକୁ ମିଳିଛି । ସୂଚନା ମୁତାବକ୍ ଜେନାପୁର ଡାକ ଘରେ ଦୀର୍ଘ ଦିନ ଧରି କର୍ମଚାରୀ ଅଭାବରୁ ଦୟନୀୟ ପରିସ୍ଥିତିରେ କାର୍ଯ୍ୟ ଚାଲୁଛି । ଡାକପାଳ ସୁଶାନ୍ତ କୁମାର କରଙ୍କୁ ପଚାରିବାରୁ ସେ କହିଲେ ଉପରିସ୍ଥ କାର୍ଯ୍ୟାଳୟ କୁ କର୍ମଚାରୀ ଅଭାବ କଥା ଜଣାଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେ ସ୍ଥାନରେ କୌଣସି କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି । ଯାହା ଫଳରେ ଡାକ ଘରେ ନୈନ୍ଦିନ ଆସୁଥିବା ଗ୍ରାହକମାନେ କର୍ମଚାରୀ ଅଭାବରୁ ନେଣ ଦେଣ ଓ ଚିଠିପତ୍ର ବିଭିନ୍ନ କାରବାରରେ ଭିଡ ହେବା ସହ ଘଣ୍ଟାଘଣ୍ଟା ଧରି ଠିଆ ହେବାକୁ ପଡୁଛି । ଏହି ଡାକଘର ଉପରେ ଅଞ୍ଚଳର ୧୬ଟି ପଞ୍ଚାୟତରେ ଥିବା ଉପଶାଖା ଗୁଡିକ ନିର୍ଭର କରୁଥିବା ବେଳେ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ବହୁତ ଅସୁବିଧା ହୋଇଥାଏ । ଯାହା ଦ୍ୱାରା କି ଭଲ ଗ୍ରାହକମାନେ ସେବା ଠିକ୍ ରେ ନ ପାଇବାରୁ ଡାକଘର ପ୍ରତି ବିତୃଷ୍ଣାଭାବ ସୃଷ୍ଟି ହେବାରୁ ଅନ୍ୟ ବ୍ୟାଙ୍କ୍ ରେ କମ୍ ପ୍ରତିଶତ ସୁଧ ଥିଲେବି ଦେଣନେଣ କରିବା ପାଇଁ ଉପଯୁକ୍ତ ମାଧ୍ୟମ ବୋଲି କ୍ଷୋଭ ପ୍ରକାଶ କରି କହିଛନ୍ତି । ଭାରତୀୟ ଡାକ ସେବା ଓ ବ୍ୟାଙ୍କ୍ ସେବା କ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରୁଥିବା ବେଳେ କର୍ମଚାରୀ ଅଭାବରୁ ଗ୍ରାହକମାନେ ଡାକଘର ପ୍ରତି ମୁହଁ ଫେରେଇ ନେଉଛନ୍ତି । ଖୁବ୍ ଶୀଘ୍ର ଏକ କାର୍ଯ୍ୟରତ କର୍ମଚାରୀଙ୍କୁ ଜେନାପୁର ଡାକଘରେ ନିଯୁକ୍ତି ଦେଇ ଉତ୍ତମ ସେବା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ପ୍ରବାସୀ ଭାରତୀୟଙ୍କ ଆନୁକୁଲ୍ୟରେ ବିଶ୍ୱକର୍ମା ପୂଜା ପାଳିତ



ଭୁବନେଶ୍ୱର,(ପି.ଏନ): ବିଦେଶ ରେ, ଆଜି ଦେବ ଶିଳ୍ପୀ ବିଶ୍ୱକର୍ମା ପୂଜା ନିଜ ଘରେ ଏମ୍ବ କାର୍ଯ୍ୟଳୟ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତିରେ ଏହି ପୂଜା ପ୍ରତି ବର୍ଷ ପଡେ। ଆଜି ଏହି ପୂଜାକୁ ନିଜ ବାସଭବନ ଓ କାର୍ଯ୍ୟାଳୟ ଦେବ ଶିଳ୍ପୀଙ୍କ ନିଡାମ୍ବରପୂର୍ଣ୍ଣ ଭାବରେ ରେ ପୁଜା ଅନୁଷ୍ଠିତ ହୋଇ ଯାଇଛି । ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଏକ ଆଧାତ୍ମିକ ପରିବେଶ ଦେଖିବାକୁ ମିଳିଛି । କିମ୍ବଦନ୍ତୀ କହେ ବିଶ୍ୱକର୍ମା ବୁଢ଼ା ବଢେଇ ବେଶରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ କୁଆଡେ ନିର୍ମାଣ କରିଥିଲେ। ଶିଳ୍ପ କଳା ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ସିଏ ହେଇଥିବାରୁ ଅଧିକାଂଶ କଳ କାରଖାନା ଓ ଶିକ୍ଷାନୁଷ୍ଠାନରେ ବିଶ୍ୱ କର୍ମାଙ୍କୁ ପୂଜା କରାଯାଏ ।ଭାରତୀୟ ପ୍ରବାସୀ ପରିଷଦ ଓଡ଼ିଶା ସଙ୍ଘ, ବିଶ୍ୱ ଓଡିଆ ସମାଜ, ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂସ୍ଥାର ଅଧକ ଓ ଭାରତ ସେବା ଦର୍ଶନ ର ଅଧକ ଓ ପ୍ରତିଷ୍ଠାତା ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ସାହୁ, ଭଗବାନ୍ ବିଶ୍ୱକର୍ମାଙ୍କ ପୂଜା ଉପଲକ୍ଷେ, ସମସ୍ତ ପ୍ରବାସୀ ଭାରତୀୟ ଙ୍କୁ ନିଜର ଆନ୍ତରିକ୍ଷ ହାର୍ଦ୍ଦିକ ଅଭିନନ୍ଦନ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି ।ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ଜେନା ଓ ସନ୍ତୋଷ କୁମାର ବିଶ୍ୱାଳ, କାର୍ତ୍ତିକ ସାହୁ, ପବିତ୍ର ଗୌଡ଼, ସନ୍ଦୀପ, ରାଜେଶ, ଲୋକ୍ରନ୍ଦ୍ରା, ଅଶୋକ, ବିନ୍ଦ୍ରେଶ୍, ସଞ୍ଜୟ, ସୁବୋଧ, ସତ୍ନାମ, ବାଲିଷ୍ଟର । ସମସ୍ତ ପ୍ରବାସୀ ଭାରତୀୟଙ୍କ ସହଯୋଗରେ, ସମସ୍ତ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହ ପୁଜା ସମାପନ ସହିତ ପ୍ରସାଦ ସେବନର କାର୍ଯ୍ୟକ୍ରମ ହୋଇଥିଲା । ଏଥିପ୍ରତି ସମସ୍ତ ସଙ୍ଘ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ସେପ୍ଟେମ୍ବର ୨୪ଓ୨୫ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇ ଦିନିଆ ଅନୁଗୁଳ ଓ ଦେବଗଡ଼ ଜିଲ୍ଲା ଗସ୍ତ

ଅନୁଗୁଳ/ତାଳଚେର,(ପି.ଏନ): ଓଡ଼ିଶାର ରତ୍ନ କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ସେପ୍ଟେମ୍ବର ୨୪ଓ ୨୫ ଦୁଇ ଦିନିଆ ଦେବଗଡ଼ ଓ ଅନୁଗୁଳ ଜିଲ୍ଲା ଗସ୍ତ ରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ।ରବିବାର ସେପ୍ଟେମ୍ବର ୨୪ଓଡ଼ିଶାରେ ପୁରୀ ରୁ ରାଉରକେଲା ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ ର ଶୁଭାରମ୍ଭ କରି ସେହି ଟ୍ରେନ ଯୋଗେ ତାଳଚେର ରୋଡ଼ ଠାରେ ପହଞ୍ଚିବେ, କିଛି ସମୟ ପରେ ପୁନଶ୍ଚ ସେହି ଟ୍ରେନ ରେ ଅନୁଗୁଳ ଷ୍ଟେସନ ରେ ପହଂଚି ଦେବଗଡ଼ ଟାଉନ କୁ ଯାଇ ସନ୍ଧ୍ୟାରେ ଗଣେଶ ପୂଜା ମଣ୍ଡପ ଦର୍ଶନ କରିବେ ।ସେଠାରୁ ଛେଣ୍ଡିପଦା ଆସି ରାତ୍ରି ଯାପନ କରିବେ ।ସୋମବାର ସେପ୍ଟେମ୍ବର ୨୫ ଛେଣ୍ଡିପଦା ପରଙ୍ଗ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ସେବାପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର କୁ ଉଦଘାଟନ କରିବା ସହ କଣିହାଁ ବ୍ଲକ ସାନତ୍ରିବିଡା ପଂଚାୟତ ର ଚନ୍ଦ୍ରବିଲ ଗ୍ରାମ କୁ ଆସି ଶହୀଦ ବିକା ନାଏକ ଙ୍କ ଘରକୁ ଯାଇ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ମାଟି ସଂଗ୍ରହ କରିବା ସହ ଶହୀଦ ପରିବାର ଙ୍କୁ ସମ୍ମାନିତ କରିବେ ।ସନ୍ଧ୍ୟାରେ ତାଳଚେର ସହର ର ପ୍ରସିଦ୍ଧ ଗଣେଶ ପୂଜା ମଣ୍ଡପ ବୁଲି ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଜେପି ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି ।କେନ୍ଦ୍ରମନ୍ତ୍ରୀ ଙ୍କ ଗସ୍ତ କୁ ନେଇ ଉଭୟ ଜିଲ୍ଲାରେ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି ବୋଲି କହିଛନ୍ତି ।

# ଲମତାପୁଟ ମାଛକୁଣ୍ଡ ପୋଲିସକୁ ସଫଳତା ମିଳିଛି, ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ୩ ଜଣ ଗିରଫ



କୋରାପୁଟ:(ପି ଏ ନ) କୋରାପୁଟ ଜିଲ୍ଲା ମାଛକୁଣ୍ଡ ପୁଲିସ୍ ଦ୍ୱାରା ଅଲଗା ଅଲଗା ଘଟଣାରେ ଦୁଇଟି ଗାଡ଼ି ସହ ୨୯୩ କିଲୋଗ୍ରାମ ଗଞ୍ଜେଇ ଜବତ କରା ଯାଇଥିବାବେଳେ ୩ ଜଣ ଗିରଫ ହୋଇଛନ୍ତି । ଏ ନେଇ ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ମାଛକୁଣ୍ଡ ଥାନା ଓ ଆଇ ସି ଡମ୍ବରୁଧର ବାତ୍ରିଆ, ଲମତାପୁଟ ଫାଣ୍ଡି ଅଧିକାରୀ ସବଇନ୍ସପେକ୍ଟର ଚିତ ରଞ୍ଜନ ପ୍ରଧାନୀଙ୍କ ନେତୃତ୍ୱରେ ଏକ ଟିମ ସଗର ଛକ ନିକଟରେ ଗାଡ଼ି ଚେକିଂ କରୁଥିଲେ ।ଚେକିଙ୍ଗ ସମୟରେ ଓଡି-୦୨ ଏ ଏସ ୫୦୩୩ ନମ୍ବର ଏସୟୁଭି କାର ଦୃତ ଗତିରେ ଆସୁଥିବା ଦେଖି ଅଟକାଇ ଥିଲେ। ଉକ୍ତ କାର ପୁଲିସ ଗାଡିକୁ ଧକ୍କା ଦେଇ ଖସି ପଳାଇବାକୁ ଚେଷ୍ଟା କରିଥିଲା କିନ୍ତୁ ପୁଲିସ ଟିମ୍ କାର ସହ ଦୁଇ ଜଣଙ୍କୁ କାବୁ କରି ନେଇ ଥିଲେ। ଉକ୍ତ କାରରୁ ପୁଲିସ ୧୦୫ କିଲୋ ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଘଟଣାରେ ସେମିଲଗୁଡ଼ା ଇନ୍ଦିରା ନଗରର ତାପସ ଦେବାଶିଷ ବିଶ୍ୱାଳ ଓ ଜୟପୁର ଖ୍ରୀଷ୍ଟିଆନ ସାହି ୩ୟ ଲାଇନର ଅଭିଷେକ ରାଜ ଚେଟିକୁ ଗିରଫ କରାଯାଇଛି। ଏ ନେଇ ମାଛକୁଣ୍ଡ ଥାନାରେ ଏନ ଡି ପି ଏସ ଆକ୍ଟରେ ଏକ ମାମଲା ( କେଶ ନଂ ୧୧୭/୨୩ ) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ଏସ ଡି ପି ଓ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇକୁ ଗିରଫ ଅଭିଯୁକ୍ତ ମାନେ ଆନ୍ଧ୍ର ପ୍ରଦେଶର ମୁଚିମପୁଟ ଥାନା ଅଞ୍ଚଳରୁ ଲମତାପୁଟ ଜୟପୁର ଦେଇ ଉମରକୋଟର ସୀଙ୍ଗିସାରି ନେଉଥିବା ଜଣା ପଡ଼ିଛି। ଗିରଫ ଦୁଇ ଅଭିଯୁକ୍ତ ଠାରୁ ପୁଲିସ୍ ଦୁଇଟି ଆଇ ଫୋନ୍ ଜବତ କରିଛି ।ସେହିପରି ଅନ୍ୟ ଏକ ଘଟଣାରେ ମାଛକୁଣ୍ଡ ପୁଲିସ ହନୁମାଲ ସହିଦ ସ୍ତୁପ ନିକଟରୁ କମାଣ୍ଡର ଜିପ୍ ସହ ୧୮୭ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରିଥିବା ନନ୍ଦପୁର ଏସ ଡି ପି ଓ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ମାଲକାନଗିରି ଜିଲ୍ଲା ମୁଦୁଲିପଡ଼ା ଥାନା ବଡ଼ଦୁରାଲ ଗ୍ରାମର ମଧୁ ଖରା ନାମକ ଯୁବକ ଓ ଆର୍ ୦୮ ବି ୭୯୭୭ ନମ୍ବର ଥିବା କମାଣ୍ଡର ଜିପରେ ଖାଡାପୁଟରୁ ଗଦବାପଡ଼ାକୁ ନେବା ନିମନ୍ତେ ହାନୁମାଲର ସହିଦ ସ୍ତମ୍ଭ ନିକଟରେ ଠିଆ ହୋଇଥିବା ସୁଚନା ପାଇ ପୁଲିସ ଟିମ୍ ପହଞ୍ଚିଥିଲା । ପୁଲିସ ମଧୁକୁ କାବୁ କରିନେବା ସହ କମାଣ୍ଡର ଜିପ ଓ ଗଞ୍ଜେଇକୁ ଜବତ କରିଥିଲା। ଏ ନେଇ ମାଛକୁଣ୍ଡ ଥାନାରେ ଏକ ମାମଲା (କେଶ ନଂ ୧୧୮/୨୩) ରୁଜୁ କରି ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଆଣ୍ଡ୍ରଏଡ ଫୋନ ଜବତ ହୋଇଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ମାଛକୁଣ୍ଡ ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଡମ୍ବରୁଧର ବାତ୍ରିଆ, ଲମତାପୁଟ ଫାଣ୍ଡି ଅଧିକାରୀ ସବ ଇନ୍ସପେକ୍ଟର ଚିତ ରଞ୍ଜନ ପ୍ରଧାନି, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




# ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ହାଇକୋର୍ଟର ନିର୍ଦ୍ଦେଶକୁ ବେଖାତିର ଦୁର୍ଦ୍ଦିନ ଅବସ୍ଥାରେ ବିସି ପରିବାର

ଜେନାପୁର,(ପି.ଏନ୍) ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ନିଯୁକ୍ତି ପାଇଥିବା ଅଣପଞ୍ଚାୟତ ଗୁଡିକରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ବ୍ୟବସାୟିକ ପ୍ରତିନିଧି (ବିସି) କୋର୍ଟର ନ୍ୟାୟ ବିଳମ୍ବ ଓ କୋର୍ଟ ନିର୍ଦ୍ଦେଶକୁ ବେଖାତିର କରିବାରୁ ଓଡିଶାର ଯାଜପୁର ଭଳି ୧୩ଟା ଜିଲ୍ଲାର ୭୩୨ ବ୍ୟବସାୟିକ ପ୍ରତିନିଧି ଦୁର୍ଦ୍ଦିନରେ ପରିବାର ଜୀବନ କାଟୁଛନ୍ତି। ସେହିପରି ଓଡିଶା ଗ୍ରାମ୍ୟ ବ୍ୟଙ୍କ୍ ତଥା ଓଡ଼ିଶାର ୧୩ ଗୋଟି ଜିଲ୍ଲାରେ ୫୫୦ଟି ଶାଖାରେ ବ୍ୟାଙ୍କ୍ ବ୍ୟାବସାୟ ଚାଲୁ ରଖିଛି। ସେହି ୫୫୦ ଶାଖା ଅଧୀନରେ ପ୍ରାୟ ୭୩୨ ବ୍ୟବସାୟିକ ପ୍ରତିନିଧିମାନେ ୭୩୨ ପଞ୍ଚାୟତରେ ଖାତାଧାରୀ ଓ ଗ୍ରାହକମାନଙ୍କୁ ସେମାନଙ୍କର ଦୁଆର ମୁହଁରେ ମୌଳିକ ବ୍ୟାଙ୍କ୍ ସେବା ଦୀର୍ଘ ୧୦ ବର୍ଷ ଧରି ଯୋଗାଇ ଦେଇ ଆସୁଥିଲେ। ସେଥି ମଧ୍ୟରୁ କାଳିଆ ଯୋଜନା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ମନରେଗା ଯୋଜନା, ବିଧବା ଭତ୍ତା,ବାର୍ଦ୍ଧକ୍ୟ ଭତ୍ତା,ଦିବ୍ୟାଙ୍ଗ ଭତ୍ତା ଆଦି ଅନେକ ଯୋଜନାର ହିତାଧିକାରୀଙ୍କ ଖାତାକୁ ଆସୁଥିବା ନଗଦ ଅର୍ଥ ରାଶିକୁ ସେମାନଙ୍କ ଦୁଆରେ ପହଞ୍ଚିବା କାର୍ଯ୍ୟ ଏହି ବିସିମାନେ ସୂଚାରୁ ରୁପେ ନିଶୁଳ୍କ ଭାବରେ ନିରନ୍ତର ଭାବରେ କରିଆସୁଥିଲେ। ଏହି କାର୍ଯ୍ୟ ପାଇଁ ବ୍ୟାଙ୍କ୍ ତରଫରୁ କିଛି କମିଶନ ସେମାନଙ୍କୁ ଦିଆଯାଉଥିଲା। ସେଥିରେ ସେମାନେ ଜେନତେନ ପ୍ରକାରେ ସେମାନଙ୍କର ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଗତ ଡିସେମ୍ବର ୨୦୨୧ ମସିହାରେ ଏହି ପାରିଶ୍ରମିକର ପ୍ରାୟ ୭୦ ପ୍ରତିଶତ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା କାଟି ଦିଆଗଲା। ଯାହା ଫଳରେ ଅଳ୍ପ ପାରିଶ୍ରମିକ ତଥା ଏକ ଦିନ ମଜୁରୀଆ ଠାରୁ କମ୍ ପାରିଶ୍ରିକରେ ପରିବାର ପ୍ରତିପୋଷଣ ଅସମ୍ଭବର କାରଣ ଦର୍ଶାଇ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ବିସି ସଂଘ ତରଫରୁ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପାଇଁ ଅନୁରୋଧ କରାଗଲା। କିନ୍ତୁ ସଂଘ ସହ ଆଲୋଚନା ତ ଦୂରର କଥା, ବରଂ ଚକ୍ରାନ୍ତ କରି ଏହି ବିସି ବ୍ୟବସ୍ଥାକୁ ବ୍ୟାଙ୍କ୍ ଅଧିନରୁ ନେଇ ବେସରକାରୀ ସଂସ୍ଥା ହାତକୁ ଟେକି ଦେବାର ଅପଚେଷ୍ଟା କରାଗଲା। ଏହି ଚକ୍ରାନ୍ତ ପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ ନ କରିବା ପାଇଁ ସଂଘ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଇଥିଲା । ସଂଘର ପ୍ରାର୍ଥନାକୁ ଶୁଣି ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨ ଡିସେମ୍ବର ୨୦୨୨ ତାରିଖରେ ଏକ ଅନ୍ତରୀଣ ଆଦେଶ ପ୍ରଦାନ କଲେ । ସେଥିରେ ସ୍ପଷ୍ଟ ଉଲ୍ଲେଖ କଲେ ଯେ ବ୍ୟାଙ୍କ୍ ତା'ର ବିସି ବ୍ୟବସ୍ଥାର ଘରୋଇକରଣର ପ୍ରକ୍ରିୟା ଜାରିରଖି ପାରିବ। କିନ୍ତୁ କୋର୍ଟର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କୌଣସି ଅନ୍ତିମ ନିଷ୍ପତ୍ତି ନେଇ ପାରିବ ନାହିଁ ଏବଂ ବିସି ମାନଙ୍କର ସ୍ଥିତାବସ୍ଥା ବଜାୟ ରହିବ। କିନ୍ତୁ ୧ ଏପ୍ରିଲ ୨୦୨୩ ତାରିଖରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ବିସିମାନଙ୍କୁ ଦିଆଯାଇଥିବା ମେସିନ୍ ଟିକୁ ବନ୍ଦ କରିଦିଅଗଲା। ଯାହାଦ୍ୱାରା କି ବିସିମାନେ ଆଉ କୌଣସି କାମ କରିପାରିଲେ ନାହିଁ। ଅପର ପକ୍ଷରେ ସବୁ ବିସିମାନଙ୍କୁ ସେମାନଙ୍କର ମେସିନ କୁ ଫେରାଇଦେବା,ଏବଂ ସେମାନେ ଆଉ ବ୍ୟାଙ୍କ୍ ପାଇଁ କାମ କରୁନାହାନ୍ତି ତେଣୁ ଯଦିକେହି ସେମାନଙ୍କ ସହ କୌଣସି ବ୍ୟାବସାୟିକ ସମ୍ପର୍କ ରଖନ୍ତି ସେଥିପାଇଁ ବ୍ୟାଙ୍କ୍ ଦାୟୀ ରହିବ ନାହିଁ ଭଳି ନିର୍ଦ୍ଦେଶ ନାମା ବ୍ୟାଙ୍କ୍ ତଥା ପଞ୍ଚାୟତର ବିଭିନ୍ନ ସ୍ଥାନରେ ନୋଟିସ୍ ଆକାରରେ ମାରିବା ପାଇଁ ଶାଖା ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ନିର୍ଦ୍ଦେଶ ଅଦାଲତର ଅବମାନନା ଦର୍ଶାଇ ସଂଘ ତରଫରୁ ଏକ ଅଦାଲତ ଅବମାନନା କେସ୍ କରାଯାଇଛି ଯାହାକି କୋର୍ଟର ବିଚାରାଧୀନ ଏ ପର୍ଯ୍ୟନ୍ତ ରହିଛି। ଇତି ମଧ୍ୟରେ ସରକାର ପ୍ରତି ପଞ୍ଚାୟତରେ ବ୍ୟାଙ୍କ୍ ସେବା ଯୋଗାଇବା ପାଇଁ ୬ ଟି ବାଣିଜ୍ୟକ ବ୍ୟାଙ୍କ୍ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ସେଥିରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ର ନାମ ନାହିଁ କାରଣ ବ୍ୟାଙ୍କ୍ ତରଫରୁ ସରକାରଙ୍କ ନିକଟରେ ,ଆମର କୌଣସି ବିସି ନାହାନ୍ତି ବୋଲି ଏକ ମିଥ୍ୟା ତଥ୍ୟ ଉପସ୍ଥାପନ କରାଯାଇଛି । ଏହାର ପ୍ରତିବାଦ ସ୍ୱରୂପ ୪ ସେପ୍ଟେମ୍ବର ୨୦୨୩ ତାରିଖରେ ଲୋୟର୍ ପିଏମ୍ ଜି ଭୁବନେଶ୍ୱର ଠାରେ ସଂଘ ତରଫରୁ ଏକ ଦିନିକିଆ ପ୍ରତିବାଦସଭା ଓ ଧାରଣା ର ଆୟୋଜନ କରାଯାଇଥିଲା। ଘଟଣାର ସମାଧାନ ୭ ଦିନ ମଧ୍ୟରେ କରିବା ପାଇଁ ସରକାରଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସରକାର ବା ବ୍ୟାଙ୍କ୍ କର୍ତ୍ତୃପକ୍ଷ କୌଣସି ସମାଧାନର ବାଟ ବାହାର କରିନାହାନ୍ତି। ବିସିମାନେ ନିଜର ମାନସମ୍ମାନ ତଥା ରୋଜଗାର ହରାଇ ଆର୍ଥିକ ଏବଂ ମାନସିକ ଦୁଃସଚିନ୍ତାରେ ଥିବା ସହ ଜନସାଧାରଣ ମଧ୍ୟ ବ୍ୟାଙ୍କ୍ ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାର ତଥା ବ୍ୟାଙ୍କ୍ କର୍ତ୍ତୃପକ୍ଷ ତୁରନ୍ତ ଏ ସମସ୍ୟାର ସମାଧାନର ବାଟ ବାହାର ନକଲେ ଆଗାମୀ ଦିନରେ ସଂଘ ତରଫରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଦୃଢ ଚେତାବନୀ ଦେଇଛନ୍ତି।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray